## ସଂକ୍ଷେପରେ

### ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ବେଳେ ଧରିଲେ ଗ୍ରାମବାସୀ

ସାବରଙ୍ଗ,୧୯।୨(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ସୁଗୋ ପଞ୍ଚାୟତର ଏକ ପ୍ରାଥମିକ ବିଦ୍ୟାଳୟରୁ ବୁଧବାର ଅପରାହ୍ନରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ହେଉଥିବା ବେଳେ ଚାଉଳ ନେଇ ଯାଉଥିବା ଅଟୋ ସହ ଚାଳକଙ୍କୁ ଗ୍ରାମବାସୀ ଧରିଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନ ୫ଟା ୩୦ ବେଳେ ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଚାଉଳକୁ ଏକ ଅଟୋ ନେଇ ଯାଉଥିବା ବେଳେ ସୁଗୋ ଜେନାସାହି ଛକଠାରେ ଗ୍ରାମବାସୀ ଅଟକ ରଖି ସରପଞ୍ଚଙ୍କୁ ଖବର ଦେଇଥିଲେ। ସରପଞ୍ଚ ଚିନ୍ତାମଣି ନାୟକ ଏ ସମ୍ପର୍କରେ ବାସୁଦେବପୁର ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଚାଉଳ ସହ ଅଟୋ ଜବତ କରିଛି। ଏନେଇ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବାବେଳେ କେଉଁ ବିଦ୍ୟାଳୟରୁ ଏହି ମଧ୍ୟାହ୍ନଭୋଜନ ଚାଉଳ ଯାଇଛି ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ।

# ମଣ୍ଡିରେ ପଡ଼ିରହିଛି ୨ ଲକ୍ଷରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ

## ବର୍ଷାରେ ଭିଜିବ, ଚିନ୍ତାରେ ଚାଷୀ

**ଜିଲ୍ଲାରେ କିଣାସରିଛି ୨୧,୨୫,୯୯୯ କୁଇଣ୍ଟାଲ**

ଭଦ୍ରକ,୧୯।୨(ସନାତନ ରାଉତ)

ଭଦ୍ରକ ଜିଲ୍ଲାରେ ବୁଧବାର ସୁଦ୍ଧା ପଞ୍ଜୀକୃତ ୫୦ ହଜାର ୧୭ ଚାଷୀଙ୍କଠାରୁ ସମୁଦାୟ ୨୧,୨୫,୯୯୯ କୁଇଣ୍ଟାଲ ଧାନ କିଣା ସରିଛି। ତେବେ ଜିଲ୍ଲାର ବିଭିନ୍ନ ମଣ୍ଡିରେ ୨ ଲକ୍ଷ ୧୨ ହଜାର ୬୬୬ କୁଇଣ୍ଟାଲ ୫୧ କେଜି ଧାନ ପଡ଼ି ରହିଛି। ବୁଧବାର ଅପରାହ୍ନ ୫ଟାରୁ ଜିଲ୍ଲାରେ ବର୍ଷା ଆରମ୍ଭ ହୋଇଥିବା ବେଳେ ଧାନବସ୍ତାଗୁଡ଼ିକୁ ମଣ୍ଡି ପକ୍ଷରୁ ଢଙ୍କାଯାଇଛି। ଅତ୍ୟଧିକ ବର୍ଷା ହେଲେ ଧାନବସ୍ତା କେତେ ସୁରକ୍ଷିତ ରହିବ, ସେନେଇ ଚାଷୀ ଓ ମଣ୍ଡି ଅଧିକାରୀମାନେ ଚିନ୍ତା ପ୍ରକଟ କରିଛନ୍ତି।

ଧାନ କ୍ରୟ ବାବଦରେ ୪୦,୯୯୯ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସମୁଦାୟ ୪୦୧ କୋଟି ୯୯ ଲକ୍ଷ ୫୫ ହଜାର ୨୪୯ ଟଙ୍କା ପୈଠ କରାଯାଇଛି। ଜିଲ୍ଲା ପାଇଁ ୩୪,୧୧,୪୪୧ କୁଇଣ୍ଟାଲ ଧାନ କିଣା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲ୍ଲାରୁ ୨୨ଜଣ ଓ ଜିଲ୍ଲା ବାହାରୁ ୨୩ ମିଲର ଧାନ କିଣାରେ ପ୍ରଶାସନ ପକ୍ଷରୁ ନିୟୋଜିତ କରାଯାଇଛି। ସେମାନଙ୍କ ମଧ୍ୟରୁ ଜିଲ୍ଲା ବାହାରୁ ଆସିଥିବା ୧୯ ଓ ଜିଲ୍ଲାର ୨୨ ସମୁଦାୟ ୪୧ ମିଲରଙ୍କ ଦ୍ୱାରା ଏବେ ଧାନ କିଣା ଜାରି ରହିଛି। ଧାର୍ଯ୍ୟ ଲକ୍ଷ୍ୟରୁ ୨୮,୯୪,୯୮୭ କୁଇଣ୍ଟାଲ ଧାନ କିଣା ପାଇଁ ମିଲରମାନଙ୍କୁ ବଣ୍ଟନ ସରିଥିବା ବେଳେ ଆଉ ୩,୫୯,୬୬୪.୮୧ କୁଇଣ୍ଟାଲ ଧାର୍ଯ୍ୟ ଲକ୍ଷ୍ୟ ବାଣ୍ଟିବା ପାଇଁ ବାକି ଅଛି। ଏବେ ସୁଦ୍ଧା ମିଲରମାନେ ମଣ୍ଡିରୁ ୧୯,୧୩,୩୩୨.୬୯ କୁଇଣ୍ଟାଲ ଧାନ ଉଠାଇ ସାରିଛନ୍ତି।



ତିହିଡ଼ିର ଅଣ୍ଡରାଇ ସମିତି ସାମ୍ନାରେ ଧାନବସ୍ତା ଉପରେ ପଲିଥିନ ଢଙ୍କାଯାଇଛି।

ତିହିଡ଼ି,୧୯।୨(ସଞ୍ଜିତ ବଳ)

ବୁଧବାର ଅପରାହ୍ନରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ତିହିଡ଼ି ବ୍ଲକର ବିଭିନ୍ନ ସମବାୟ ସମିତିରେ ବାହାରେ ପଡ଼ି ରହିଥିବା ୨୦ ହଜାର କୁଇଣ୍ଟାଲ ଧାନ ଭିଜିବା ନିଶ୍ଚିତ ହୋଇଛି। ଏହାକୁ ନେଇ ସମିତିର ସମ୍ପାଦକମାନେ ଚିନ୍ତାରେ ପଡ଼ିଛନ୍ତି। ସମିତିରୁ ମିଲ୍ ମାଲିକମାନେ ଠିକ୍ ରୂପେ ଧାନ ଉଠାଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଅଣ୍ଡରାଇରେ ୩ ହଜାର, ମଙ୍ଗଳପୁରରେ ୪ ହଜାର, ବିଲଣାରେ ୨ ହଜାର, ନିଶ୍ଚନ୍ତପୁରରେ ୨ ହଜାର, ବାମନବିନ୍ଧାରେ ୫ ହଜାର, ଚରିତରଫରେ ୨ ହଜାର ଓ ଶ୍ୟାମସୁନ୍ଦରପୁରରେ ୨ ହଜାର କୁଇଣ୍ଟାଲ ଧାନ ସମିତି ବାହାରେ ପଡ଼ି ରହିଥିବା ଜଣାପଡ଼ିଛି। ସମ୍ପାଦକମାନେ ଧାନ ବସ୍ତା ଉପରେ ପଲିଥିନ ଢାଙ୍କିଥିଲେ ମଧ୍ୟ ଜୋର ବର୍ଷା ହେଲେ ଧାନ ବସ୍ତା ସବୁ ଭିଜିବା ଆଶଙ୍କା ରହିଛି। ତୁରନ୍ତ ମିଲ୍ ମାଲିକମାନେ ସମିତିରୁ ଧାନ ଉଠାଇବା ଦିଗରେ ପଦକ୍ଷେପ ନେବାକୁ ସମିତି ସମ୍ପାଦକମାନେ ଦାବି ଜଣାଇଛନ୍ତି।

# ଭାଜପାର ଧନ୍ୟବାଦ ଶୋଭାଯାତ୍ରା




ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

**ଭଦ୍ରକରେ ପ୍ରତିଷ୍ଠା ହେବ ମେଡିକାଲ କଲେଜ**

ବାସୁଦେବପୁର,୧୯।୨(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ଘୋଷଣା ପରେ ବିଭିନ୍ନ ମହଲରେ ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି। ବାସୁଦେବପୁର ଭାଜପା ଶାଖା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଏକ ଧନ୍ୟବାଦ ଶୋଭାଯାତ୍ରା କରାଯାଇଥିଲା। ଭାଜପା ନଗର ମଣ୍ଡଳ ପକ୍ଷରୁ ସଭାପତି ଆଶୁତୋଷ ସାମଲଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ବାସୁଦେବପୁର ଡାକ୍ତରଖାନା ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବ୍ଲକ ନିକଟରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ପ୍ରଦାନ କରାଯାଇଥିଲା। ଭାଜପାର ବିଧାନସଭା କ୍ଷେତ୍ର ନେତା ବାଣୀକଲ୍ୟାଣ ମହାନ୍ତି ରାଜ୍ୟ ନେତୃମଣ୍ଡଳୀଙ୍କୁ ଧନ୍ୟବାଦ ଦେଇଛନ୍ତି। ପଦ୍ମପୁର ମଣ୍ଡଳ ସଭାପତି ରତିକାନ୍ତ ଦଳେଇ, ପୂର୍ବତନ ନଗର ସଭାପତି ସପନ ସୁନ୍ଦର ମହାନ୍ତି, ବରିଷ୍ଠ ନେତା ମଧୁସୂଦନ ପାଢ଼ୀ, ବିଦ୍ୟାଧର ବେହେରା, ସୁଶାନ୍ତ ବେହେରାଙ୍କ ସମେତ ଶତାଧିକ କର୍ମୀ ଶୋଭାଯାତ୍ରାରେ ସାମିଲ ଥିଲେ।

# ଜାତୀୟ ପାଠଚକ୍ର: 'ଜଳବାୟୁ ପରିବର୍ତ୍ତନରେ ଐତିହାସିକ ଦୃଷ୍ଟିଭଙ୍ଗୀ'

ଭଦ୍ରକ,୧୯।୨(ସନାତନ ରାଉତ)

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଇତିହାସ ବିଭାଗର 'ଜଳବାୟୁ ପରିବର୍ତ୍ତନରେ ଐତିହାସିକ ଦୃଷ୍ଟିଭଙ୍ଗୀ' ଶୀର୍ଷକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ଅଧ୍ୟାପକ ଡ. ମନୋଜ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ପାଠଚକ୍ରରେ ଦୟାଲ ସିଂ କଲେଜ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବାର୍ପିତ ମନ୍‌ଜିତ୍ ମୁଖ୍ୟ ବିଷୟ ବିଶାରଦ ବକ୍ତା ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ମାନବୀୟ ବିବର୍ତ୍ତନର ପ୍ରଧାନ ହେତୁ ବୋଲି ଐତିହାସିକ ପ୍ରାମାଣିକତା ସିଦ୍ଧ ହୋଇଥିବା କହିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ତୀର୍ଥବାସୀ ଦାସ ଜଳବାୟୁ ସଙ୍କଟରୁ ମାନବ ଜାତିର ଉଦ୍ଧାର ପାଇଁ ପୃଥିବୀର ସବୁଜିମାକୁ ଅକ୍ଷୁଣ୍ଣ ରଖିବାକୁ ପଡ଼ିବ ବୋଲି କହିଥିଲେ। ଅନ୍ୟତମ ବକ୍ତା ଭାବେ ଧାମନଗର ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ବୈରୀ ଗଞ୍ଜନ ଦାଶ ପରିବେଶ ସୁରକ୍ଷିତ ନ ରହିଲେ ପୃଥିବୀ ପୃଷ୍ଠର ଅନେକ ପ୍ରାଣୀ ବିଲୁପ୍ତ ହୋଇଯିବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ନୀଳଗିରି ରବି ସାହୁ ଉଦ୍‌ଘାଟନ କରିଥିବା ବେଳେ ଅଧ୍ୟାପିକା ବନ୍ଦନା ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଦେବସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ଅଭୟ ଦାସ, ଅଧ୍ୟାପିକା ମଞ୍ଜୁଳା ପ୍ରଧାନ, ଅଧ୍ୟାପିକା ଆଭାମୟୀ ମହାପାତ୍ର, ଅଧ୍ୟାପିକା ସୌଦାମିନୀ ରାଉତ, ଅଧ୍ୟାପିକା ଆରତି ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଭାଗର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ, ପ୍ରବନ୍ଧ ପାଠ ଓ ମଞ୍ଚ ପରିଚାଳନା କରିଥିଲେ।

# ବିଜ୍ଞାନ, ଗଣିତ ମେଳାରେ ୪୦ ପ୍ରକଳ୍ପ



ପ୍ରକଳ୍ପ ପ୍ରଦର୍ଶନ ବେଳେ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ।

ଧୁଷୁରୀ, ୧୯।୨(ଦୀପ୍ତି ରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ସୁନ୍ଦରପୁର ପଞ୍ଚାୟତର ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅପରାହ୍ନ ୩ଟାରେ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମହାକାଶକୁ କ୍ଷେପଣାସ୍ତ୍ର ପ୍ରେରଣ ଓ ପ୍ରତ୍ୟାବର୍ତ୍ତନ, ବର୍ଷାଜଳକୁ ପାନୀୟ ଜଳ ଉପଯୋଗୀ କରିବା ପ୍ରଣାଳୀ, ବର୍ଜ୍ୟବସ୍ତୁରୁ ବ୍ୟବହାର ଉପଯୋଗୀ ବସ୍ତୁ ତିଆରି, ୧ ରୁ ୧୦୦ ମଧ୍ୟରେ ଥିବା ସଂଖ୍ୟାର ବର୍ଗକୁ ସହଜରେ ଉପସ୍ଥାପନ କରିବା, ଗ୍ରହ ନକ୍ଷତ୍ରକୁ ଦେଖିବା ପାଇଁ ସରଳ ଦୂରବୀକ୍ଷଣ ଯନ୍ତ୍ର ପ୍ରସ୍ତୁତି ଆଦି ପ୍ରକଳ୍ପ ଯୋଗ୍ୟ ବିବେଚିତ ହୋଇଥିଲା। ଯୋଗ୍ୟ ବିବେଚିତ ପ୍ରକଳ୍ପ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟି, ସିଆର୍‌ସିସି ଦିଲୀପ ଶେଖର ନାୟକ, ଶିକ୍ଷୟିତ୍ରୀ ମିନତିଲତା ପାକଳ, ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଜ୍ଞା ଦୀପଶିଖା ଥଟ୍ଟେଇ, ଲିପିକା ମହାନ୍ତି, ଶିକ୍ଷକ ଦୀପ୍ତି ରଞ୍ଜନ ଖିଲାର, ରଞ୍ଜୀବ ରାଉତ, ସୁକାନ୍ତିଲତା ଖୁଣ୍ଟିଆ, ବିନୋଦିନୀ ସ୍ୱାଇଁ, ଶିକ୍ଷା ପରିଚାଳନା କମିଟି ସଭାପତି ଅମରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷା ଦେବେ ୨୦,୯୪୨ ପରୀକ୍ଷାର୍ଥୀ

ଭଦ୍ରକ,୧୯।୨(ସନାତନ ରାଉତ)

ଦିନକ ପରେ ଅର୍ଥାତ୍ ଆସନ୍ତା ଶୁକ୍ରବାରଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଭଦ୍ରକ ଜିଲ୍ଲାରେ ମୋଟ ୨୦,୯୪୨ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏହାବ୍ୟତୀତ ମଧ୍ୟମାରେ ୨୮୪ଜଣ ପରୀକ୍ଷା ଦେବେ। ଜିଲ୍ଲାର ମୋଟ ୩୧୮ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୧୧୫ ସ୍କୁଲକୁ ପରୀକ୍ଷା କେନ୍ଦ୍ର ଭାବେ ପ୍ରସ୍ତୁତ କରାଯାଇଛି। ପ୍ରଶ୍ନପତ୍ର ରଖିବା ପାଇଁ ୧୧ଟି ନୋଡାଲ ସେଣ୍ଟର କରାଯାଇଥିବା ବେଳେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନା ନିମନ୍ତେ ୧୧୫ ସୁପରିଣ୍ଟେଣ୍ଡେଣ୍ଟ, ୧୧୫ଜଣ ଅବଜର୍‌ଭର୍ ଓ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ ୨୭ଟି ଡେସ୍‌ପାଚ୍ ଟିମ୍ ଗଠନ କରାଯାଇଛି ବୋଲି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ କୃତଜ୍ଞତା




ଭାଜପା ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ବନ୍ତ ବଜାର ପରିକ୍ରମା କରୁଛନ୍ତି।

ବନ୍ତ,୧୯।୨(ହରିନାରାୟଣ ମହାନ୍ତି)

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ବନ୍ତ ବ୍ଲକ ଭାଜପା ପକ୍ଷରୁ ଡବଲ ଇଞ୍ଜିନ ସରକାରଙ୍କୁ କୃତଜ୍ଞତା ଜଣାଯାଇଛି। ମଙ୍ଗଳବାର ସନ୍ଧ୍ୟା ୭ଟାରେ ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ଭାଜପା ନେତା ଡ. ସୁଧାଂଶୁ ନାୟକଙ୍କ ନେତୃତ୍ୱରେ ବରିଷ୍ଠ ନେତା ଓ ଶତାଧିକ କର୍ମୀ ବନ୍ତସ୍ଥିତ ଦଳୀୟ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରଶଂସା କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିସହ ବାଣ ଫୁଟାଇ ଖୁସି ମନାଇଥିଲେ। ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ଆଜି ବାସ୍ତବ ରୂପ ନେଇଛି ବୋଲି ଥାନା ଛକଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବରିଷ୍ଠ ନେତାମାନେ ଭାଷଣରେ କହିଥିଲେ। ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ସେମାନେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ, ଭଦ୍ରକ ଏମ୍‌ପି, ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଖୁସିରେ ଦଳୀୟ କାର୍ଯ୍ୟାଳୟରେ ମିଠା ବଣ୍ଟନ କରାଯାଇଥିଲା। ବରିଷ୍ଠ ନେତା କମଳାକାନ୍ତ ସାହୁ, ବନ୍ତ ମଣ୍ଡଳ ସଭାପତି ସନ୍ତୋଷ ନାୟକ, ମାଧବାନନ୍ଦ ଦାସ, କେନ୍ଦୁଆପଦା ସରପଞ୍ଚ ଇଂ. ପ୍ରମୋଦ କୁମାର ଜେନା, ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ଓଝା, କୃପାସିନ୍ଧୁ ସେଠୀ, ବସନ୍ତ କୁମାର ବିଶ୍ୱାଳ, ଲକ୍ଷ୍ମୀ କର, ଜୟନ୍ତ କୁମାର ପଣ୍ଡା, ସୁରେଶ୍ୱର ବାରିକ, ରବୀନ୍ଦ୍ରନାଥ ଓଝା, କ୍ଷୀତିଶ ନାୟକ, ହେମନ୍ତ ମଲ୍ଲିକ, ରବୀନ୍ଦ୍ର ସେଠୀ, ନବ ଜେନା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଭାଜପାର ନୂତନ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ଚାନ୍ଦବାଲି/ତିହିଡ଼ି,୧୯।୨(ରତିକାନ୍ତ ବାରିକ/ସଞ୍ଜିତ ବଳ)

ଭଦ୍ରକ ଜିଲ୍ଲା ଭାଜପାର ନୂତନ ସଭାପତି ଭଗବାନ ପଣ୍ଡାଙ୍କୁ ବୁଧବାର ଚାନ୍ଦବାଲିରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ସଭାପତି ଚାନ୍ଦବାଲି ବ୍ଲକ ଗସ୍ତ କରିଥିବା ବେଳେ ସମସ୍ତ ମଣ୍ଡଳ, ଏନ୍‌ଏସି ସଭାପତି, ଦଳୀୟ ନେତା ଓ କର୍ମୀ ସ୍ୱାଗତ କରିଥିଲେ। ଚାନ୍ଦବାଲି ଅରଣ୍ୟ ନିବାସ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ନୂତନ ସଭାପତିଙ୍କ ସହ ଦଳୀୟ ନେତାମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେହିପରି ସୋମବାର ତିହିଡ଼ି ବ୍ଲକ ଭାଜପା ପକ୍ଷରୁ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭାଟପଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ୱାଗତ ସମ୍ବର୍ଦ୍ଧନା ପରେ ବାଇକ୍ ଶୋଭାଯାତ୍ରାରେ ତିହିଡ଼ି ବଜାରକୁ ନିଆଯାଇଥିଲା। ସେଠାରେ ଦିବଂଗତ ନେତା ବିଷ୍ଣୁଚରଣ ସେଠୀଙ୍କ ପ୍ରତିମୂର୍ତ୍ତି ଓ ସମାଧି ପୀଠରେ ସେ ପୁଷ୍ପମାଲ୍ୟ ଦେଇଥିଲେ। ପରେ ଦଳୀୟ ସଙ୍ଗଠନ ବିଷୟରେ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ୩ ମଣ୍ଡଳ ସଭାପତି କେଶବ ବେହେରା, ସାଇଚରଣ ବେହେରା ଓ ସରୋଜ ନାୟକଙ୍କ ସମେତ ବରିଷ୍ଠ ନେତା ରଘୁନାଥ ପାତ୍ର, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲ୍ଲିକ, ଯୁବନେତା ସୀତାକାନ୍ତ ନାୟକ, ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍ଚ୍ଚ ୨୩ରେ ଜିଲ୍ଲାସ୍ତରୀୟ ନିଯୁକ୍ତି, ଦକ୍ଷତା ବିକାଶ ମେଳା

ଭଦ୍ରକ,୧୯।୨(ସନାତନ ରାଉତ)

ଭଦ୍ରକ ଜିଲ୍ଲାସ୍ତରୀୟ ନିଯୁକ୍ତି ଓ ଦକ୍ଷତା ବିକାଶ ମେଳା ପାଇଁ ବୁଧବାର ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଯୋଗ ଦେଇଥିବା ବେଳେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅନୀତା ନାୟକ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଆସନ୍ତା ମାର୍ଚ୍ଚ ୨୩ରେ ଏହି ମେଳା ଅନୁଷ୍ଠିତ ହେବ। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଭଦ୍ରକ ସହରର ଦକ୍ଷିଣକାଳୀ ମନ୍ଦିର ନିକଟସ୍ଥ ଗୋପାଳଜୀଉ ମଠ ପଡ଼ିଆରେ ଏହି ମେଳା ଆୟୋଜନ କରାଯିବା ନେଇ ସ୍ଥିରୀକୃତ ହୋଇଛି। ଏଥିପାଇଁ ୫୨ଟି ସଂସ୍ଥାଠାରୁ ସମ୍ମତି ମିଳିଥିଲେ ମଧ୍ୟ ଜିଲ୍ଲାରେ ସ୍ଥାନୀୟ ବେକାର ଯୁବ ଗୋଷ୍ଠୀଙ୍କୁ ସୁହାଇଲା ଭଳି ଅଧିକ ସୁବିଧା ଓ ନିଯୁକ୍ତି ସୁଯୋଗ ପ୍ରଦାନକାରୀ ସଂସ୍ଥାକୁ ପ୍ରାଥମିକତା ଦିଆଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୧୮ ବର୍ଷ ବୟସରୁ ଉର୍ଦ୍ଧ୍ୱ, ଅଷ୍ଟମ ଶ୍ରେଣୀ ପାସ୍‌ରୁ ଉର୍ଦ୍ଧ୍ୱ ଯୋଗ୍ୟତା ଥିବା ବେକାରୀମାନେ ଏହି ମେଳାରେ ସାମିଲ ହୋଇ ନିଜର ରୁଚି ଓ ଯୋଗ୍ୟତା ଅନୁସାରେ ନିଯୁକ୍ତି ଚୟନ କରିପାରିବେ।

# ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ପରଲୋକ

ଆଗରପଡ଼ା,୧୯।୨(ସୁଶାନ୍ତ ଦାଶ)

ଆଗରପଡ଼ା ଥାନା ଅଧୀନ ଅଣିଜୋ ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗ ଅଧିକାରୀ ରାମଚନ୍ଦ୍ର ପଣ୍ଡା(୮୨)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ବୟସାଧିକ କାରଣରୁ ଗତ କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ଘଟିଛି। ସେ ଆଗରପଡ଼ା ଅଞ୍ଚଳର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସର୍ବଦା ଜଡ଼ିତ ରହୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି।

# ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତକଲେ ଶିକ୍ଷକ



କର୍ମଶାଳାରେ ଶିକ୍ଷକମାନେ ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

ସାବରଙ୍ଗ,୧୯।୨(କାଳିପଦ ରାୟ)

ବାସୁଦେବପୁର ବ୍ଲକର ମିଶ୍ରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ପୂର୍ବାହ୍ନ ୧୦ଟାରେ ସାଧନକେନ୍ଦ୍ର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମିଶ୍ରପୁର, ଦଧିବାମନପୁର, ପାଟଣାମିଶ୍ରପୁର ଉଚ୍ଚ ପ୍ରାଥମିକ, ବନ୍ଧସାହି, ସୁନାଭୁଇଁ, କଡ଼ଣିଆ ସାହି, ଛତ୍ରପୁର, ଏକଡାଳ, କୋରବାଟିଆ ଉଚ୍ଚ ପ୍ରାଥମିକ, ରଜନୀ ଦେବୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଦାସଡିହ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଯୋଗଦେଇ ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ପ୍ରସ୍ତୁତ ଶିକ୍ଷଣୀୟ ସାମଗ୍ରୀ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହ ଶିକ୍ଷାଦାନରେ ସହାୟତା ପ୍ରଦାନ କରିବା ସହ ଉନ୍ନତମାନର ଶିକ୍ଷାଦାନରେ ସହାୟକ ହୋଇପାରିବ ବୋଲି ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ମତ ରଖିଥିଲେ। ଏହି କର୍ମଶାଳାରେ ୧୫ଟି ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ ହୋଇଥିଲା। ପାଟଣା ମିଶ୍ରପୁର ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମିଶ୍ରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରି ଅଗସ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନ୍ମଥ ଅଗସ୍ତି ଓ କଳା ଶିକ୍ଷକ ଲକ୍ଷ୍ମୀଧର ବେହେରା ସାମଗ୍ରୀ ପ୍ରସ୍ତୁତିରେ ସହାୟତା କରିଥିଲେ।

# ଏନ୍‌ଏଚ୍‌ରେ ବେଆଇନ ପାର୍କିଂ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

**ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

ଭଦ୍ରକ,୧୯।୨(ସନାତନ ରାଉତ/ରବିନାରାୟଣ ଖିଲାର)

ଏନ୍‌ଏଚ୍(ଜାତୀୟ ରାଜପଥ)ରେ ବେଆଇନ ପାର୍କିଂ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏଣିକି ଏନ୍‌ଏଚ୍‌ରେ ବେଆଇନ ପାର୍କିଂ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ୪୨ତମ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରେ ଜିଲ୍ଲାପାଳ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଡ଼କ ସୁରକ୍ଷା ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାର ମୁଖ୍ୟ ଦୁର୍ଘଟଣାସ୍ଥଳ ପାଲଟିଥିବା ୧୬ନଂ. ଜାତୀୟ ରାଜପଥର ବିଷ୍ଣୁପୁର ଛକଠାରେ ନିର୍ମାଣାଧୀନ ଅଣ୍ଡରପାସ୍ କାର୍ଯ୍ୟ ଆସନ୍ତା ଏପ୍ରିଲ ୩୦ ସୁଦ୍ଧା ଶେଷ କରିବା ଏବଂ ତ୍ରିଶଳପୁରଠାରେ ନିର୍ମାଣାଧୀନ ଅଣ୍ଡରପାସ୍ କାର୍ଯ୍ୟ ଜୁଲାଇ ୩୧ ସୁଦ୍ଧା ସାରିବାକୁ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଏହାବ୍ୟତୀତ ଚରମ୍ପା ସର୍ଭିସ୍ ରୋଡ୍ କଡ଼ରେ ଅସମ୍ପୂର୍ଣ୍ଣ ଡ୍ରେନେଜ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଓ ଆରଡ଼ିଛକ ରାସ୍ତାରେ ବର୍ଷା ଜଳ ଜମିବା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ଉପଜିଲ୍ଲାପାଳ ସୌରଭ କୁମାର ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ରାମ ନିବାସ ସିର୍କା, ମୋଟର ଯାନ ନିରୀକ୍ଷକ ବାମଦେବ ସାହୁ, ସହକାରୀ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ, ଭଦ୍ରକ ପୌର ନିର୍ବାହୀ ଅଧିକାରୀ ତପନ କୁମାର ସାମଲ, ସଡ଼କ ସୁରକ୍ଷା ଅଧିକାରୀ ସେକ୍ ଅବଦୁଲ ରହିମ, ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଜି. ଭି. ବର୍ମା, କମିଟି ସଦସ୍ୟ ରୋଟାରିଆନ ଅତିସ ବେହେରା, ବସ୍ ସିଣ୍ଡିକେଟ ସଭାପତି ଶ୍ରୀନିବାସ ପତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



ବୈଠକରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସହ ଅନ୍ୟ ଅଧିକାରୀମାନେ।

# ଶିମିଳିପାଳରେ ବଢୁଛି ମହାବଳ ବାଘ ସଂଖ୍ୟା

ବାରିପଦା,୧୯।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ବନ ବିଭାଗ ଦେଇଥିବା ସୂଚନାରୁ ଜଣାପଡ଼ିଛି। ମହାବଳ ବାଘ ନିଜ ବାସସ୍ଥାନ ଚିହ୍ନଟ ପାଇଁ କୋର୍ ଅଞ୍ଚଳରେ ଚଳପ୍ରଚଳ କରିବା ଏବଂ ଗୃହପାଳିତ ପ୍ରାଣୀ ଶିକାର କରୁଥିବାରୁ ବାଘ ସଂଖ୍ୟା ବୃଦ୍ଧି ହୋଇଥିବା ଅନୁମାନ କରାଯାଉଛି। ବାଘ ବଂଶ ବୃଦ୍ଧି ପରିସଂଖ୍ୟାନ ଅନୁଯାୟୀ ଆଗାମୀ ୨୦୩୦ ସୁଦ୍ଧା ଶିମିଳିପାଳରେ ମହାବଳ ବାଘ ସଂଖ୍ୟା ୬୦ ଟପିବ ବୋଲି ବନ ବିଭାଗ ଅନୁମାନ କରିଛି।

ରାଜ୍ୟରେ ମହାବଳ ବାଘ ସଂଖ୍ୟା ଶିମିଳିପାଳ ଅଭୟାରଣ୍ୟରେ ସର୍ବାଧିକ ରହିଛି। ୩୦ ମହାବଳ ବାଘ ମଧ୍ୟରୁ ୨୭ଟି କେବଳ ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି। ସେଥି ମଧ୍ୟରୁ ୧୪ଟି ମାଈ ଓ ୧୩ଟି ଅଣ୍ଡିରା ବାଘ ରହିଥିବା ବେଳେ ୧୨ଟି ଶାବକ ଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ଗଣନାରୁ ଜଣାପଡ଼ିଛି। ମହାବଳ ବାଘ ବଂଶ ବୃଦ୍ଧିର ପ୍ରକୃଷ୍ଟ ଅଞ୍ଚଳ ଶିମିଳିପାଳ ବୋଲି ଜାତୀୟ ବ୍ୟାଘ୍ର ସଂରକ୍ଷଣ ଅଥରିଟି(ଏନ୍‌ଟିସିଏ) ରିପୋର୍ଟ ଦେଇଥିଲା। କିଛି ଦିନ ହେଲା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ତାଳବନ୍ଧ ରେଞ୍ଜ ଅଞ୍ଚଳରେ ଏକ କଳା ମହାବଳ ବାଘ ଘୁରୁବୁଲୁଛି । ଆଖପାଖ ଗ୍ରାମର ଲୋକମାନେ ଗାଈଗୋରୁ ଚରାଇବାକୁ ଜଙ୍ଗଲକୁ ଯାଇଥିବା ସମୟରେ ମହାବଳ ବାଘଟି ୪ଟି ସ୍ଥାନରୁ ୧୦ରୁ ଉର୍ଦ୍ଧ୍ୱ ଗୋରୁକୁ ଶିକାର କରି ଖାଇଛି। ସୋରିଷପାଳ ପଞ୍ଚାୟତ ନେଦାମ ନିକଟସ୍ଥ ଜଙ୍ଗଲରେ ଘଟିଥିବା ଏହି ଘଟଣାକୁ ନେଇ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏନ୍‌ଟିସିଏ ପକ୍ଷରୁ ପ୍ରତି ୪ ବର୍ଷରେ ଥରେ ବାଘ ଗଣନା କରାଯାଇଥାଏ। ରିପୋର୍ଟ ଅନୁଯାୟୀ, ୨୦୧୪ରେ ୪ଟି ମହାବଳ ବାଘ ରହିଥିବା ଜଣାପଡ଼ିଥିଲା। ସେଥି ମଧ୍ୟରେ ୩ଟି ମାଈ ବାଘ ଥିବା ବେଳେ ଗୋଟିଏ କଳା ମହାବଳ(ମିଲେନାଷ୍ଟିକ) ବାଘ ଥିଲେ। ବଂଶ ବୃଦ୍ଧି ଘଟି ପର୍ଯ୍ୟାୟ କ୍ରମେ ୨୦୧୮ରେ ଏମାନଙ୍କ ସଂଖ୍ୟା ୮ରେ

## ୨୦୩୦ ସୁଦ୍ଧା ୬୦ ପାର୍ ହେବା ନେଇ ଅନୁମାନ

ପହଞ୍ଚିଥିଲା। ୨୦୨୨ରେ ବାଘ ସଂଖ୍ୟା ୧୬ରେ ପହଞ୍ଚିଥିବା ବେଳେ ୨୦୨୪ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗଣନା କରାଯାଇ ପ୍ରକୃତ ସଂଖ୍ୟା ୨୭ ବୋଲି ଦର୍ଶାଯାଇଛି। ତେବେ ପ୍ରତି ୪ ବର୍ଷରେ ହେଉଥିବା ଗଣନାକୁ ଲକ୍ଷ୍ୟ କଲେ ବାଘ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଉଥିବା ପରିଲକ୍ଷିତ ହୋଇଛି। ୨୦୨୬ ଗଣନାରେ ଏହି ସଂଖ୍ୟା ୪୦ରେ ପହଞ୍ଚିବ ବୋଲି ବନ ବିଭାଗର ଅଧିକାରୀମାନେ ଅନୁମାନ କରିଛନ୍ତି। ଏହି ଭଳି ବୃଦ୍ଧି ଘଟିଲେ ୨୦୩୦ ସୁଦ୍ଧା ବାଘ ସଂଖ୍ୟା ୬୦ରୁ ୭୦ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଏ ନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କୁହନ୍ତି, ୧୨୦୦ ବର୍ଗ କିମି ଅଞ୍ଚଳରେ ଦୁଇଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ରହିଛି। ପ୍ରତି ଶହେ ବର୍ଗ କିମିରେ ୫ଟି ବାଘ ନିଜର ବାସସ୍ଥାନ ଚିହ୍ନଟ କରିଥାନ୍ତି। ଏହି କ୍ରମରେ ୬୦ରୁ ଉର୍ଦ୍ଧ୍ୱ ମହାବଳ ବାଘ ପ୍ରକଳ୍ପ ମଧ୍ୟରେ ରହିପାରିବେ। ୨୦୧୮ରେ ଗୃହପାଳିତ ପ୍ରାଣୀଙ୍କୁ ଶିକାର କରିବା ସଂଖ୍ୟା ଶୂନ ରହିଥିବା ବେଳେ ଏହା ବୃଦ୍ଧି ପାଇ ଏକ ଶହରୁ ଉର୍ଦ୍ଧ୍ୱ ହେବାକୁ ବସିଛି। ବାଘ ସଂଖ୍ୟା ବୃଦ୍ଧି ପାଇଲେ ବାସସ୍ଥଳୀ ଚିହ୍ନଟ କରିବା ପାଇଁ କୋର ଓ ବଫର ଅଞ୍ଚଳକୁ ଚଳପ୍ରଚଳ କରିଥାନ୍ତି। ତେବେ ବାଘ ସଂଖ୍ୟା ବୃଦ୍ଧି ନିମନ୍ତେ ଆବଶ୍ୟକ ଭିତ୍ତିଭୂମି, ନିଶବ୍ଦ ଓ ନିର୍ଭୟ ଅଞ୍ଚଳ, ଉପଯୁକ୍ତ ବାସସ୍ଥଳୀ, ପର୍ଯ୍ୟାପ୍ତ ଖାଦ୍ୟର ବ୍ୟବସ୍ଥା ଓ ସହଜ ଖାଦ୍ୟ ଅନ୍ୱେଷଣ ଭଳି ଦିଗ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଗଲେ ବାଘ ବଂଶ ବୃଦ୍ଧି ପାଇଥାଏ। ଶିକାରୀଙ୍କ ଅନୁପ୍ରବେଶକୁ ରୋକିବା ପାଇଁ ୧୫୦ ଏଆଇ କ୍ୟାମେରା ଖଞ୍ଜା ଯାଇଥିବା ବେଳେ କଡ଼ା ପାଟ୍ରୋଲିଂ କରାଯାଉଛି। ତେବେ ନେଦାମ ଅଞ୍ଚଳରେ ଗୃହପାଳିତ ପ୍ରାଣୀ ଶିକାର କରିବା ବାଘ ବଂଶ ବୃଦ୍ଧିର ଏକ ସବୁଜ ସଙ୍କେତ ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ ଓଡ଼ିଶା ରାଜ୍ୟ ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ବୟସାଧିକ ମହାବଳ ବାଘ ପରିଶ୍ରମ କରି ନ ପାରି ଗୃହପାଳିତ ପ୍ରାଣୀଙ୍କୁ ସହଜରେ ଶିକାର କରିଥାଏ। ତେବେ ଗୃହପାଳିତ ପ୍ରାଣୀ ଶିକାରକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ଜାହିର କରିବା ଭଳି ଘଟଣା ପୂର୍ବରୁ ଅନେକ ନଜିର ରହିଛି। ତେବେ ମହାବଳ ବାଘ ବଂଶ ବୃଦ୍ଧି ହେବା ଶିମିଳିପାଳ ପାଇଁ ଖୁସିର ବିଷୟ। ରକ୍ଷଣାବେକ୍ଷଣ, ସୁରକ୍ଷା ଓ ବିଗତ ଦିନର ଘଟଣାକୁ ନ ଦୋହରାଇବା ପାଇଁ ଉପଯୁକ୍ତ ପଦକ୍ଷେପ ନେଲେ ମହାବଳ ବଂଶ ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ଗଛରେ ଚଢ଼ି ନାକେଦମ୍ କଲେ ମହିଳା

ବାରିପଦା,୧୯।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପଡ଼ୋଶୀମାନେ ଜମିବାଡ଼ି, ସମ୍ପତ୍ତି ନେଇଯିବା ଭୟରେ ଜଣେ ମହିଳା ଗଛ ଉପରକୁ ଚଢ଼ିଗଲେ। ପରିବାର ଲୋକଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ଯିଏ ଯେତେ ବୁଝାଇଲେ ବି ସେ ତଳକୁ ଓହ୍ଲାଇଲେ ନାହିଁ। ୫ ଘଣ୍ଟା ଧରି ଚାଲିଲା ହାଇଡ୍ରାମା। ଦମକଳବାହିନୀ କର୍ମଚାରୀଙ୍କୁ ମଧ୍ୟ ବେଶ କିଛି ସମୟ ନାକେଦମ୍ ହେବାକୁ ପଡ଼ିଲା। ଶେଷରେ ତାଙ୍କୁ ଗଛ ଉପରୁ ଅଣାଯାଇଥିଲା। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ୍ ଅଧୀନ ଧନପୁର ଗ୍ରାମରେ।

ସୂଚନା ଅନୁଯାୟୀ, ବୁଧବାର ସକାଳ ୭ଟା ସମୟରେ ଧନପୁର ଗ୍ରାମର ସତ୍ୟ ନାରାୟଣ ମହାନ୍ତଙ୍କ ସ୍ତ୍ରୀ ଚମ୍ପାମଣି ଘରେ ଥିବା ଜମିବାଡ଼ି କାଗଜପତ୍ର ଧରି ଗଛ ଉପରକୁ ଚଢ଼ିଯାଇଥିଲେ। ପରିବାର ଲୋକେ ବୁଝାଶୁଝା କରିବା ପରେ ମଧ୍ୟ ସେ ତଳକୁ ଓହ୍ଲାଇ ନ ଥିଲେ।



ଗଛ ଉପରେ ଚଢ଼ି ଯାଇଥିବା ଚମ୍ପାମଣି।

ଘଟଣାସ୍ଥଳରେ ଆଖପାଖ ଅଞ୍ଚଳ ଲୋକେ ଭିଡ଼ ଜମାଇଥିଲେ। ପରେ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଚମ୍ପାମଣିଙ୍କୁ ଗଛରୁ ତଳକୁ ଓହ୍ଲାଇଥିଲେ।

# 'କଷ୍ଟଲବ୍ଧ ଶିକ୍ଷା ହିଁ ଉଜ୍ଜ୍ୱଳ ଭବିଷ୍ୟତକୁ ଆହ୍ୱାନ କରେ'



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ବଡ଼ସାହି,୧୯।୨(ସମ୍ବିତ କୁମାର ରାଉତ)

ଛାତ୍ରୀଛାତ୍ରମାନେ ମନପ୍ରାଣ ଦେଇ ଶିକ୍ଷାଲାଭ କରିଥିଲେ ଭବିଷ୍ୟତ ଜୀବନରେ ସଫଳ ନାଗରିକ ହୋଇପାରିବେ ବୋଲି ରାଜ୍ୟ ଓ ଜାତୀୟ ପୁରସ୍କୃତ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି। ବଡ଼ସାହି ବ୍ଲକ ଅଧୀନ କଇଁଫୁଲିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାନ୍ତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି। ପ୍ରଧାନ ଶିକ୍ଷକ ରଜତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗୀନୂଆଗାଁ ସରପଞ୍ଚ ଗୋପୀନାଥ ନାଏକ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ନବୀନ ମହାନ୍ତ, ଆଞ୍ଚଳିକ ସାଧନ କର୍ମୀ ମିନତୀ ପଣ୍ଡା, ବାଘମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧିର କୁମାର ବାରିକ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଚୈତନ୍ୟ ପ୍ରସାଦ ମହାନ୍ତ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ ମୂଳକ ବକ୍ତବ୍ୟ ପ୍ରଦାନ ସହ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ଚିନ୍ମୟୀ ଦାସ। କମଳିନୀ ମହାନ୍ତ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୁଷମା ଲେଙ୍କା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୩୦ ହଜାର ଟଙ୍କାର କାଠ ଜବତ

ମୋରଡ଼ା,୧୯।୨(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ବେତନଟୀ ବନ ବିଭାଗ ମଙ୍ଗଳବାର ସନ୍ଧ୍ୟାରେ ୧୧ଟି ୟୁକ୍ୟାଲିସ ପଟାସ କାଠ ଲଗ ଜବତ କରିଛି। ସୂଚନା ମୁତାବକ, ଉକ୍ତ ରେଞ୍ଜ ଅଧୀନ ମୋରଡା ବ୍ଲକ ଜୁଆଳିଭଙ୍ଗା ପଞ୍ଚାୟତର ମସର୍ଦା ଗ୍ରାମ ନିକଟରେ ବେଆଇନ ଭାବେ ଉକ୍ତ ପଟାସ ଗଛ କଟା ହୋଇଥିବା ଖବରପାଇ ଫରେଷ୍ଟର ଦୀପକ କୁମାର ପାତ୍ର, ବନ ବିଭାଗ କର୍ମଚାରୀ ଶୁଭାଶିଷ ସାହୁ, ବିଜୟ ଦାସ ପ୍ରମୁଖ ପହଞ୍ଚି କାଠ ଲଗ୍‌କୁ ଜବତ କରି ବେତନଟୀସ୍ଥିତ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି ।

### ବାରହାର ମୃତଦେହ ଜବତ

ମୋରଡ଼ା,୧୯।୨(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଞ୍ଚଳରୁ ବନ ବିଭାଗ ଏକ ବାର୍‌ହାର ଗଳିତ ମୃତଦେହ ଜବତ କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ବଡ଼ାମପୁର ରିଜର୍ଭ ଫରେଷ୍ଟର ବଟୀଘର ନିକଟରେ ଏକ ବାର୍‌ହାର ଗଳିତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଫରେଷ୍ଟର ଦୀପକ କୁମାର ପାତ୍ର ପହଞ୍ଚି ମୃତଦେହ ଜବତ କରିଥିଲେ। ବୁଧବାର ସକାଳେ ଅଁଳା ପ୍ରାଣୀ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ହାତୀ ଆକ୍ରମଣରେ ବାର୍‌ହାଟିର ମୃତ୍ୟୁ ହୋଇ ଥାଇପାରେ ବୋଲି ଫରେଷ୍ଟର ପାତ୍ର କହିଛନ୍ତି।

# ସଂସ୍କୃତି, ପରମ୍ପରା ଅକ୍ଷୁର୍ଣ୍ଣ ରଖିବାକୁ ଆହ୍ୱାନ




ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ବାରିପଦା,୧୯।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ଉପକଣ୍ଠରେ ଅବସ୍ଥିତ ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ପକ୍ଷରୁ ଆୟୋଜିତ ଦୁଇ ଦିନ ବ୍ୟାପି ବାର୍ଷିକ ଉତ୍ସବ ୟୁଫୋନି-୨୦୨୫ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଡିଭାଇନ ଡିପ୍ଲୋମା ଇଞ୍ଜିନିୟରିଂ, ଡିଭାଇନ ନର୍ସିଙ୍ଗ ଏବଂ ଡିଭାଇନ +୨ ବିଜ୍ଞାନର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଏମ୍‌ପି ନବ ଚରଣ ମାଝୀ, ସାରସକଣା ବିଧାୟକ ଭାଦବ ହାଁସଦା, ବୈଶିଙ୍ଗାର ପୂର୍ବତନ ବିଧାୟକ କାନ୍ହୁ ସୋରେନ, ଭାଜପା ଉପ ସଭାପତି (ମୟୂରଭଞ୍ଜ ପୂର୍ବ) ପରେଶ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ବଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ଭାଜପା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଗୁଦା ମୁର୍ମୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିବାସହ ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବାପାଇଁ ଆହ୍ୱାନ ଦେଇଥିଲେ। ଡିଭାଇନର ମ୍ୟାନେଜିଙ୍ଗ ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ସଭାରେ ପୌରହିତ୍ୟ କରିଥିଲେ। ଡିଭାଇନର ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ, ଟ୍ରଷ୍ଟି ଇଂ. ଧରମବୀର ବୁଗୁଡେଇ, ଏକାଡେମିକ ନିର୍ଦ୍ଦେଶକ ଇଂ. ସନ୍ତୃପ୍ତ ପାଢୀ ଏବଂ ପ୍ରିନ୍ସିପାଲ ଇଂ. ଅଭିନ୍ନ ଦାସ ସଭାରେ ଉପସ୍ଥିତ ଥିଲେ। ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ସୂଚନା ପ୍ରଯୁକ୍ତିବିଦ୍ୟା ନିର୍ଦ୍ଦେଶକ ଇଂ. ଗୌରବ ବୁଗୁଡାଇ ଧନ୍ୟବାଦ ଦେଇଥିଲେ। ଏହି ଦୁଇ ଦିନ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ର୍‍ୟାମ୍ପ ଶୋ, ମିଷ୍ଟର ଓ ମିସ ଡିଭାଇନ ଡିପ୍ଲୋମା, ମିଷ୍ଟର ଓ ମିସ ଡିଭାଇନ ନର୍ସିଙ୍ଗ ଏବଂ ମିଷ୍ଟର ଓ ମିସ ଡିଭାଇନ ଯୁକ୍ତ ୨ ବିଜ୍ଞାନ ୨୦୨୫ ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା। ଏହି ଅବସରରେ ଅନୁଷ୍ଠାନର ତିନୋଟି ଭିନ୍ନ ଭିନ୍ନ ମୁଖପତ୍ର ଉନ୍ମୋଚିତ ହୋଇଥିଲା।

## ଡିଭାଇନ୍ ଗ୍ରୁପ୍‌ର ବାର୍ଷିକ ଉତ୍ସବ ୟୁଫୋନି-୨୦୨୫ ଉଦ୍‌ଯାପିତ

# ପ୍ରଶିକ୍ଷଣ ଶିବିର

ମୋରଡ଼ା,୧୯।୧୧(ସ୍ୱାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ାରେ ଭାଜପାର ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ୩୮ନଂ. ଜୋନ ମୋରଡ଼ା ମଣ୍ଡଳ ସଭାପତି ଜୟଦେବ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଭାଜପା ସଭାପତି କାନ୍ହୁ ସୋରେନ୍, ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ଉପସଭାପତି ପ୍ରଦୀପ କୁମାର ପରିଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦି, ଜିଲା ସାଧାରଣ ସମ୍ପାଦକ ପ୍ରବୀଣ ପାତ୍ର, ପ୍ରଦୀପ ମହାନ୍ତ, ଗୋପାଳ କୃଷ୍ଣ ସାହୁ, ଜଳଧର ସାହୁ ଯୋଗ ଦେଇଥିଲେ।

# ସରିଲା ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା

ବାରିପଦା,୧୯।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସମଗ୍ର ଶିକ୍ଷା ଆନୁକୁଲ୍ୟରେ ଜିଲାସ୍ତରୀୟ ନିପୁଣ ଓଡ଼ଶା ମେଳା ବୁଧବାର ଅପରାହ୍ଣ ୩ଟାରେ ବାରିପଦା ଶହୀଦ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ସୃଜନଶୀଳତା ପ୍ରସଙ୍ଗକୁ ନେଇ ଶିକ୍ଷାଦାନ, ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରଯାଇଥିଲା। ନିପୁଣ ଓଡ଼ିଶା ମେଳାର ପ୍ରମୁଖ ଅଂଶୀଦାର ଭାବେ ୧ମ, ୨ୟ ଓ ୩ୟ ଶ୍ରେଣୀର ଛାତ୍ରୀଛାତ୍ର, ମାତାପିତା, ଶିକ୍ଷା ବିଭାଗର କର୍ମକର୍ତ୍ତା, ପଞ୍ଚାୟତିରାଜ ବିଭାଗର ସଦସ୍ୟା ସଦସ୍ୟ ଓ ବେସରକାରୀ ସଂସ୍ଥାର ଅଧିକାରୀ ତଥା ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଓ ଦୀପ୍ତି ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଶିକ୍ଷଣ ସାମଗ୍ରୀଗୁଡ଼ିକୁ ଉପସ୍ଥିତ ଛାତ୍ରୀଛାତ୍ର, ମାତାପିତା, ପଞ୍ଚାୟତିରାଜ ସଦସ୍ୟ, ବେସରକାରୀ ଅନୁଷ୍ଠାନର ସଦସ୍ୟମାନେ ବୁଲି ଦେଖିଥିଲେ । ଯୋଜିତ ପ୍ୟାନେଲ ଆଲୋଚନାରେ ସର୍ବଶ୍ରେଷ୍ଠ ବିଦ୍ୟାଳୟ ପାଇଁ ମୋ ପରିକଳ୍ପନା ଶୀର୍ଷକ ଉପରେ ଆଲୋଚନା କରଯାଇଥିଲା ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ସମ୍ମାନିତ ଅତିଥିଭାବେ ବାରିପଦା ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା ପ୍ରମୁଖ ଯୋଗଦାନ କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ, ଭିନ୍ନକ୍ଷମ ଓ ଗଣମାଧ୍ୟମ ସଂଯୋଜକ ନିରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ କାର୍ତ୍ତିକେଶର ମହାନ୍ତ, ସତ୍ୟ ନାରାୟଣ ନାୟକ, ସନ୍ତୋଷ କୁମାର ସାହୁ, ନାରାୟଣ କିଂକର ଦତ୍ତ, ଗୋପାଳ ବାରିକ, ଶାନ୍ତନୁ ପ୍ରଧାନ, ଦିଲ୍ଲୀପ କୁମାର ଘୋଷ, ପୁଲକ ଚନ୍ଦ୍ର ମହାନ୍ତ, ଗରେନ୍ଦ୍ର ସିଂ, ଗଣେଶ ବେହେରା, ଶିକ୍ଷୟିତ୍ରୀ ପଦ୍ମିନୀ ପାଢୀ, ମିନର୍ଭା ଦାସ ଓ ସମଗ୍ର ଶିକ୍ଷା କାର୍ଯ୍ୟ ାଳୟ ତରଫରୁ ଅଶ୍ୱିନୀ କୁମାର ସିଂହ ପରିଚାଳନାରେ ସହଯୋଗ କରିଥିଲେ।

# ଡିଆରକେ (ବି) ବିଜୟୀ



ଅତିଥିଙ୍କ ସହ ଖେଳାଳିମାନେ।

## ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାରିପଦା,୧୯।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ-ବିର ୫ମ ମ୍ୟାଚରେ ଡିଆରକେ (ବି ) କରଞ୍ଜିଆକୁ ୫ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଡିଆରକେ (ବି ) ୨୨. ୩ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁବ୍ରତ ସିଂ ୩୫ ରନ କରିଥିବା ବେଳେ ବିପକ୍ଷ ଦଳର ଅଭିଜିତ ପ୍ରସାଦ ଘଣା ଓ ଭବେଶ ବେହେରା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କରଞ୍ଜିଆ ୨୫ ଓଭରରେ ୯ ଉଇକେଟ ହରାଇ ୯୧ ରନ ସଂଗ୍ରହ କରିପାରିଥିଲା। ଦଳ ପକ୍ଷରୁ ଅଭିଜିତ ପ୍ରସାଦ ଘଣା ୨୪ ରନ କରିଥିବା ବେଳେ ବିପକ୍ଷ ଦଳର ସଞ୍ଜୟ ସିଂ ୪ଟି ଉଇକେଟ ଅକ୍ତିଆର କରିବା ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ କ୍ରିକେଟ ଖେଳାଳି ପ୍ରଶାନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ। କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି. ଫୁଟବଲ ସମ୍ପାଦକ ଅମର କୁମାର ସେଠି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବୁଧିବାର କରଞ୍ଜିଆ ଓ ବିଜେଏମସିସି ମଧ୍ୟରେ ମ୍ୟାଚ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

# ଡ୍ରେନ୍ ଦୁର୍ଗନ୍ଧରେ ଲୋକେ ଅତିଷ୍ଠ

## ସଫେଇ ପାଇଁ ଦାବି କଲେ ଲୋକେ

ମୋରଡ଼ା,୧୯।୨(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା ପଞ୍ଚାୟତର ୩ନଂ. ୱାର୍ଡ ମାର୍କେଟ ସାହିରେ ଥିବା ଡ୍ରେନ୍ ଦୁର୍ଗନ୍ଧରେ ଫାଟି ପଡୁଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ମଳୟ ମହାନ୍ତଙ୍କ ଘରଠାରୁ ବଉଳ ଗଛ ଛକ ପର୍ଯ୍ୟନ୍ତ ପ୍ରାୟ ୨୫୦ ମିଟର ପର୍ଯ୍ୟନ୍ତ ଉକ୍ତ ଡ୍ରେନ୍ ଏବେ ଆବର୍ଜନମୟ ହୋଇପଡ଼ିଛି। ପଞ୍ଚାୟତ ପକ୍ଷରୁ ଅଳିଆ ଆବର୍ଜନା ପକାଇବା ପାଇଁ ଉକ୍ତ ସାହିରେ ଡଷ୍ଟବିନର ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ଡ୍ରେନ୍‌ରେ ଅଳିଆ ପକାଉଛନ୍ତି। ଫଳରେ ଡ୍ରେନ୍ ପାଣି ନିଷ୍କାସନ ହୋଇ ପାରୁନାହିଁ। ତେଣୁ ଆବର୍ଜନାଗୁଡ଼ିକ ପଚିସଢ଼ି ଦୁର୍ଗନ୍ଧ ହେଉଛି। ମଶା, ମାଛିଙ୍କ ପ୍ରାଦୁର୍ଭାବ ମଧ୍ୟ ବଢ଼ି ଚାଲିଛି। କିଛି ସ୍ଥାନରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ଡ୍ରେନ ପୋତି ହେବାକୁ ବସିଲାଣି। ତେଣୁ ଉକ୍ତ ସାହିରେ



ଆବର୍ଜନାରେ ଭର୍ତ୍ତି ହୋଇଥିବା ଡ୍ରେନ୍।

ଯଥାଶୀଘ୍ର ଏକ ବଡ଼ ଡଷ୍ଟବିନ ବା ଆବର୍ଜନା କୁଣ୍ଡର ସ୍ଥାପନ ସହିତ ଉକ୍ତ ଡ୍ରେନ୍‌କୁ ସଫା କରିବାକୁ ସାହି ଲୋକେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ପଞ୍ଚାୟତ ତଥା ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏବାବଦରେ ଚିତ୍ରଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ପ୍ରଶାନ୍ତ କୁମାର ସିଙ୍କୁ ପଚାରିବାରୁ ଉକ୍ତ ଡ୍ରେନ ସଫା କାର୍ଯ୍ୟ ଯଥାଶୀଘ୍ର ହେବା ସହିତ ଉକ୍ତ ସାହିରେ ଏକ ଆବର୍ଜନା କୁଣ୍ଡର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ବଡ଼ବିଲ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠଯନ୍ତ୍ରୀଙ୍କ ମୃତ୍ୟୁ

ବଡବିଲ, ୧୯।୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠଯନ୍ତ୍ରୀ ବୈଦ୍ୟନାଥ ମାଝିଙ୍କର ବୁଧବାର ଭୋରରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗତ ୮ ବର୍ଷ ଧରି ସେ ବଡବିଲ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ କନିଷ୍ଠଯନ୍ତ୍ରୀ ଭାବେ ବୈଦ୍ୟନାଥ ମାଝି କାର୍ଯ୍ୟରତ ଥିଲେ। ଗତ ଶୁକ୍ରବାର ହଠାତ୍ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ବଡବିଲସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ମାଝିଙ୍କୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଅନ୍ୟତ୍ର ନେଇଯିବାକୁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ମାଝିଙ୍କୁ ସେହିଦିନ ପ୍ରଥମେ ଜାମସେଦପୁର ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତି କରିଥିଲେ। ସେଠାରେ ମାଝିଙ୍କର କୀଡ୍ନିଜନିତ ରୋଗ ଥିବା ଜଣାପଡିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବୁଧବାର ଭୋର ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି।

### ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ବଉଳା, ୧୯।୨(ଦୁର୍ଗା ପ୍ରସାଦ ଆୟଚ)

ହାଟଡିହୀ ବ୍ଲକର ମଲ୍ଲୀପଶି ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚୈତନ୍ୟ ପ୍ରସାଦ ମୁର୍ମୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସିଆର୍‌ସିସି ରବିନାରାୟଣ ଦାସ ମହାପାତ୍ର, ମୁଖ୍ୟବକ୍ତା ସିଆର୍‌ସିସି ମଙ୍ଗଲ ହାଁସଦା, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ବସନ୍ତ କୁମାର ନାଇକ ଓ କମିଟି ସଭାପତି ନାରାୟଣ ଶଙ୍ଖୁଆଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଦିବ୍ୟ ରଞ୍ଜନ ପରିଡ଼ା, ମନ୍ଦରଧର ନାଇକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କମିଟି ସଦସ୍ୟ ଓ ଅଭିଭାବକମାନେ ସହଯୋଗ କରିଥିଲେ।

### ଖାଦ୍ୟ ଅନ୍ୱେଷଣରେ ଘର ଭିତରେ ପଶିଲା ହରିଣ

ପାଟଣା, ୧୯।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ତଣ୍ଡ ବିଟ୍ ଡୁମୁରିଆ ଗାଁ ଭିତରକୁ ଖାଦ୍ୟ ଅନ୍ୱେଷଣରେ ଚାଲି ଆସିଥିଲା ଏକ ମାଈ ହରିଣ। ବୁଧବାର ସକାଳେ ହରିଣଟି ଗାଁ ମୁହାଁ ହୋଇ ଏକ ଘର ଭିତରେ ପଶି ଯାଇଥିବା ବେଳେ ବନ ବିଭାଗ ଉଦ୍ଧାର କରି ଅଟେଇ ସଂରକ୍ଷିତ ବାଲିଯୋଡ଼ି-ବଣ ମହୁଲଡିହା ଜଙ୍ଗଲରେ ଛାଡ଼ିଦେଇଛି। ସକାଳ ପ୍ରାୟ ୭ଟା ବେଳେ ହରିଣଟି ଗାଁ ଆଡ଼କୁ ଆସି ଦଶରଥ ମହାନ୍ତଙ୍କ ଘର ଅଗଣା ଭିତରକୁ ପଶି ଯାଇଥିଲା। ହରିଣଟିକୁ ଉଦ୍ଧାର କରି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ପରେ ବନ କର୍ମଚାରୀ ପହଞ୍ଚି ହରିଣକୁ ନେଇ ଜଙ୍ଗଲରେ ଛାଡ଼ି ଦେଇଥିଲେ।

### କୃଷି ନିର୍ଦ୍ଦେଶକଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର, ୧୯।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ ଚୌଧୁରୀ ସୋମବାର କେନ୍ଦୁଝର ଗସ୍ତ କରିଥିଲେ। ଏହି ସମୟରେ ଘଟଗାଁ ବ୍ଲକ୍‌ର ନିଶୁରୀପଶିଠାରେ ସ୍ଥାପିତ ସୋଲାର ବୋରୱେଲ ପ୍ରକଳ୍ପ, ସଦର ବ୍ଲକ୍ ଅନ୍ତର୍ଗତ ଟିକରପଡ଼ାରେ କୃଷକ ରେଜିଷ୍ଟ୍ରି ଶିବିର ଓ କଲମି ବାଇଗଣ ଚାଷ, ରାଇସୁଆଁଠାରେ ଶୀତଳ ଭଣ୍ଡାର ପ୍ରକଳ୍ପ, ଧାତିକା ଓ ଟିକରପଡ଼ାଠାରେ ସୋରିଷ ଏବଂ ବୁଟ ଚାଷର କ୍ଷେତ୍ର ପରିଦର୍ଶନ କରି ଉପସ୍ଥିତ ହିତାଧିକାରୀଙ୍କ ସହ ମତ ବିନିମୟ କରିଥିଲେ। ଅପରାହ୍ନରେ ଦରବାର୍ ହଲଠାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଜିଲାର ଉନ୍ନତି କଳ୍ପେ କୃଷି ରୋଡ ମ୍ୟାପ ପ୍ରସ୍ତୁତି ସମ୍ବନ୍ଧରେ ସମସ୍ତ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଓ ରାଜ୍ୟସ୍ତରୀୟ ଯୋଜନା ଅଧିକାରୀଙ୍କୁ ଉପଦେଶ ଦେଇଥିଲେ। ସମୀକ୍ଷା ବୈଠକରେ କେନ୍ଦୁଝରର ଜିଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି ଓ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ ଓ ଜିଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ପର୍ଶୁରାମ ବେହେରାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଫେରିଲେ ନିମାନନ୍ଦ, ଫିରୋଜ

**ଗ୍ରେୱାଲ କମ୍ପାନୀ ଭାଇସ ପ୍ରେସିଡେଣ୍ଟ ଅପହରଣ ଘଟଣା**

- ଏବେବି ଘଟଣା ରହସ୍ୟଘେରରେ
- ପୋଲିସ କିମ୍ବା ଅପହୃତ ମୁହଁ ଖୋଲୁନାହାନ୍ତି

ବଡବିଲ, ୧୯।୨(ଦେବପ୍ରିୟ ରଣା)


ବଡବିଲ ଥାନାରେ ଅପହୃତ ନିମାନନ୍ଦ ଫେରିଥିବା ନେଇ ନିଜର ଉପସ୍ଥିତି ଜଣାଉଛନ୍ତି।

କେନ୍ଦୁଝର ଜିଲା ବଡବିଲସ୍ଥିତ ଗ୍ରେୱାଲ କମ୍ପାନୀ (ଗ୍ରେୱାଲ ମିନେରାଲସ୍ ଆଣ୍ଡ ମେଟାଲସ୍ ଏଲ୍‌ଏଲ୍‌ପି)ର ଭାଇସ ପ୍ରେସିଡେଣ୍ଟ ନିମାନନ୍ଦ ପ୍ରଧାନ ଗତ ବୁଧବାର ସନ୍ଧ୍ୟାରୁ ନିଖୋଜ ହୋଇଯାଇଥିଲେ। ଏନେଇ ନିମାନନ୍ଦଙ୍କ ସ୍ତ୍ରୀ ସୁଜାତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଅପହରଣ ହୋଇଥିବା ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପହରଣର ୭ ଦିନ ପରେ ମଧ ନିମାନନ୍ଦଙ୍କ କୌଣସି ସୁରାକ ଖୋଜିପାଇବାରେ ପୋଲିସ ସକ୍ଷମ ହୋଇପାରି ନ ଥିବାବେଳେ ହଠାତ୍ ନିମାନନ୍ଦ ଓ ଫିରୋଜ ସୁସ୍ଥ ଅବସ୍ଥାରେ ସେହି କାର ଯୋଗେ ମଙ୍ଗଳବାର ରାତିରେ ବଡବିଲକୁ ଫେରିଆସିଥିବା ଜଣାପଡିଛି।

ସୂଚନା ଥାଉକି, ଗତ ୧୨ ତାରିଖ ସନ୍ଧ୍ୟାରେ ନିମାନନ୍ଦ ନିଜ କାର୍ ଯୋଗେ ଅଫିସରୁ ବଡବିଲ ବସ୍ତିସ୍ଥିତ ବାସଭବନ ଅଭିମୁଖେ ବାହାରିଥିଲା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ନିମାନନ୍ଦଙ୍କ ସହ ତାଙ୍କ କାର୍ ଓ ଡ୍ରାଇଭର ଏମଡି ଫିରୋଜଙ୍କର କୌଣସି ଖୋଜଖବର ମିଳିପାରି ନ ଥିଲା। ଏନେଇ ନିମାନନ୍ଦଙ୍କ ପରିବାର ପକ୍ଷରୁ ବଡବିଲ ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିବା ପରେ ପୋଲିସ ତନାଘନା ଜୋରଦାର କରିଥିଲା। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଓ କେନ୍ଦୁଝର ଏସ୍‌ପି କୁଶଲକର ନିତିନ ଦାଗୁଡୁ ବଡବିଲରେ ପହଞ୍ଚି ପ୍ରତ୍ୟକ୍ଷ ଭାବେ ୬ ଦିନ ଧରି ଓଡିଶା ଖଣି ନିଗମ ଗେଷ୍ଟ ହାଉସରେ ରହି ବିଭିନ୍ନ ଦିଗକୁ ଅନୁଧାନ କରିବା ସହ ତଦନ୍ତରେ ସାମିଲ ରହିଥିଲେ। ଘଟଣାର ଖୁଲାସା ନିମନ୍ତେ ଜିଲା ତଥା ରାଜ୍ୟର ବିଭିନ୍ନ ଥାନାରୁ ପୋଲିସ ସେଠାରେ ଛାଉଣୀ ପକାଇଥିଲେ। ପୋଲିସର ଏକ ଟିମ୍ ଝାଡଖଣ୍ଡ ରାଜ୍ୟକୁ ଯାଇଥିବା ବେଳେ ବଡବିଲ ତଥା ଝାଡଖଣ୍ଡର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜ, ମୋବାଇଲ ନମ୍ବର ଠାବ କରିବାକୁ ଚେଷ୍ଟା ଜାରି ରଖିଥିଲା। ତଦନ୍ତରେ ସହାୟତା କରିବାକୁ ଜିଲାର ବଛା ବଛା ପୋଲିସ ଅଫିସର ବଡବିଲରେ ପହଞ୍ଚିଥିଲେ। ତେବେ ନିମାନନ୍ଦ ଓ ଫିରୋଜ କାର୍ ସହିତ ଅପହୃତ ହୋଇଥିଲେ ନା' ନାହିଁ, ଯଦି ହୋଇଥିଲେ କିଏ ଅପହରଣ କରିଥିଲେ, ସେମାନଙ୍କୁ କେଉଁଠାରେ ରଖିଥିଲେ, ସେମାନଙ୍କ କବଳରୁ କିଭଳି ମୁକୁଳିଲେ, ପୋଲିସ ଉଦ୍ଧାର କଲା ନା' ଅପହରଣକାରୀ ସେମାନଙ୍କୁ କେଉଁ ସର୍ତ୍ତରେ ଛାଡିଲେ, ଯଦି ପୋଲିସ ଉଦ୍ଧାର କଲା ତେବେ କିଭଳି ଓ କେଉଁଠାରୁ କେଉଁ ପରିସ୍ଥିତିରେ ଉଦ୍ଧାର କଲା ଆଦି ଅନେକ ପ୍ରଶ୍ନ ସାଧାରଣରେ ସୃଷ୍ଟି ହୋଇଛି। ଏନେଇ ପୋଲିସ କିମ୍ବା ଅପହୃତ କେହିହେଲେ ପ୍ରତିକ୍ରିୟା ରଖୁନାହାନ୍ତି। ଫଳରେ ଏହି ଘଟଣା ଏବେବି ରହସ୍ୟମୟ ହୋଇରହିଛି। ଅପହୃତ ନିମାନନ୍ଦ ଓ ଫିରୋଜଙ୍କ ଫେରିବା ନେଇ ବଡବିଲ ଥାନା ଆଇଆଇସି ଅଶୋକ କୁମାର ନାୟକଙ୍କୁ ପଚାରିବାରେ ସେ ବ୍ୟସ୍ତ ଅଛନ୍ତି ପରେ କହିବେ ବୋଲି କହିଛନ୍ତି।

# ୨୨ରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

**ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନବନିର୍ମିତ ଆଶ୍ରମ ଉଦ୍‌ଘାଟନ କରିବେ**


ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

କେନ୍ଦୁଝର, ୧୯।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ବଜାରରେ ନବ ନିର୍ମିତ ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆଶ୍ରମ (ସୁଖ ଶାନ୍ତି ସରୋବର)କୁ ଆସନ୍ତା ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ବୁଧବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦୁଝର କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମକୁମାରୀ ବିନ୍ଦୁ ଏବଂ ବଡ଼ବିଲ କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମକୁମାରୀ ଜୟନ୍ତୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଏବଂ ବ୍ରହ୍ମକୁମାରୀ ସଂଗଠନର ଅତିରିକ୍ତ ମୁଖ୍ୟ ପରିଚାଳିକା ବ୍ରହ୍ମକୁମାରୀ ଜୟନ୍ତୀ, କଟକ ଉପଖଣ୍ଡର ନିର୍ଦ୍ଦେଶିକା ବ୍ରହ୍ମ କୁମାରୀ କମଳେଶ ଉପସ୍ଥିତ ରହିବେ। ବର୍ତ୍ତମାନ ସମୟରେ ସମାଜରେ ଅଶାନ୍ତି ଏବଂ ଜଞ୍ଜାଳରୁ ମୁକ୍ତି ପାଇଁ ଆଧାତ୍ମିକ ଜ୍ଞାନ ତଥା ଧ୍ୟାନ ମାଧ୍ୟମରେ ସମାଜକୁ ଶୃଙ୍ଖଳିତ କରିବା ପାଇଁ ଏହି ଆଶ୍ରମ କାର୍ଯ୍ୟ କରିବ ବୋଲି କେନ୍ଦୁଝର କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମକୁମାରୀ ବିନ୍ଦୁ କହିଛନ୍ତି। ଏହି ଭବ୍ୟ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଯୋଗଦେବା ପାଇଁ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି।

# ବିଦ୍ୟାଳୟର ବାର୍ଷିକୋତ୍ସବ, ସମ୍ବର୍ଦ୍ଧନା



ବାଙ୍ଗୋର ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ବଉଳା, ୧୯।୨(ଦୁର୍ଗା ପ୍ରସାଦ ଆୟଚ)

ହାଟଡିହୀ ବ୍ଲକ ଅଧୀନ ବାଙ୍ଗୋର ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରଙ୍ଗାଧର ମହୁରିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ମୁଖ୍ୟବକ୍ତା ସୋସୋ ଥାନା ଅଧିକାରୀ ବିଜୟ କୁମାର ବିହାରୀ ଏବଂ ଅନ୍ୟତମ ଅତିଥି ଭାବେ ସରପଞ୍ଚ ଅଙ୍କିତା ପଢିଆରୀ, ସମିତିସଭ୍ୟା ମନୋରମା ପଣ୍ଡା, ଓଏମ୍‌ସି ମ୍ୟାନେଜର ବ୍ରଜମୋହନ ମହାନ୍ତି, ସିଆର୍‌ସିସି ବସନ୍ତ କୁମାର ନାୟକ, କମିଟି ସଭାପତି ମହେଶ ଚନ୍ଦ୍ର ବାରିକ୍, ପଞ୍ଚସଖା ଶିକ୍ଷା ସେତୁ ସଭାପତି ମହେନ୍ଦ୍ର କୁମାର ପୃଷ୍ଟି, ବାଙ୍ଗୋର ସବ୍ ସେଣ୍ଟରର ଷ୍ଟାଫ୍‌ନର୍ସ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ମଣିଷ ତିଆରି କାରଖାନା ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ସତ୍ୟନାରାୟଣ ଜେନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ଏହି ବିଦ୍ୟାଳୟରୁ ବିଦାୟ ନେଇଥିବା ସହକାରୀ ଶିକ୍ଷୟିତ୍ରୀ ରାଜଶ୍ରୀ ସାହୁ, ବାଣୀଶ୍ରୀ ରାଉତ ଓ ଚିନ୍ମୟ ଖମାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀ ମନୋରମା ଦାସ, ପ୍ରଭାତୀ ସାହୁ, ଭୀମସେନ ନାୟକ, ଜଗଦୀଶ ଚନ୍ଦ୍ର ଜେନା, ପ୍ରଦୀପ କୁମାର ଦେହୁରୀ, ମମତା ସାହୁ ଓ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

### ୭ବର୍ଷୀୟା ବାଳିକାଙ୍କୁ ବଳାତ୍କାର

ପାଟଣା, ୧୯।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳର ଜଣେ ୭ ବର୍ଷର ବାଳିକାଙ୍କୁ ସୋମବାର ରାତିରେ ଉକ୍ତ ଗ୍ରାମର ଜଣେ ୧୩ ବର୍ଷର ନାବାଳକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ବୁଧବାର ପୋଲିସ ନାବାଳକଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ପରୀକ୍ଷା କରାଇବା ପରେ ଜୁଭେଲାଇନ କୋର୍ଟରେ ଉପସ୍ଥାପନ କରିଛି। ସୂଚନା ଅନୁଯାୟୀ, ଏକ ଶୁଦ୍ଧିକର୍ମ ଚାଲିଥିବା ବେଳେ ସୋମବାର ରାତିରେ ବାଳିକା ଜଣଙ୍କ ଘର ପଛ ପଟ ବାଡ଼ିରେ ଥିବା ଗଡ଼ିଆକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ନାବାଳକ ଜଣକ ତାଙ୍କୁ ଏକୁଟିଆ ଦେଖି ବଳାତ୍କାର କରିଥିବା ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୩୦/୨୫) ରୁଜୁ ହୋଇଛି। ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ପାଲା ବାୟକ ସଂଘର ବାର୍ଷିକ ସମ୍ମିଳନୀ

କେନ୍ଦୁଝର, ୧୯।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପାଲା ବାୟକ ପରିଷଦର ୩ ଦିନିଆ ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ବାଂଶପାଳ ବ୍ଲକ୍ ବଡବିଲ ଗ୍ରାମର ଶ୍ରୀଶ୍ରୀ ତିତାପହାରୀ ବ୍ରହ୍ମ ଗୋଛନ୍ଦ ମହାଯଜ୍ଞ ମଣ୍ଡପ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବିଭିନ୍ନ ଦିନରେ ପାଲା ପରିବେଷଣ କରାଯାଇଥିଲା। ସଭାପତି ଦୁଷ୍ମନ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ଶ୍ରୀଶ୍ରୀ ନିଳାଚଳ ନିଖିଳକୋଲ ପାଲା ପରିଷଦର ଉପ ସଭାପତି ଓ ଅବସରପ୍ରାପ୍ତ ପ୍ରଫେସର ଡ. ଧୀରେନ କୁମାର ମହାନ୍ତ, ମୁଖ୍ୟ ବକ୍ତାଭାବରେ ଅନୁଗୁଳ ଜିଲାର ବିଖ୍ୟାତ ମୃଦଙ୍ଗ ବାଦକ ଗୁରୁ ବିଶ୍ୱନାଥ ସାହୁ ଯୋଗଦେଇ ବାୟକ ସଂଘର ଲକ୍ଷ୍ୟ ପୂରଣ ପାଇଁ ପଦକ୍ଷେପ ଓ ପାଲା ଗାୟକ, ବାୟକଙ୍କ ସଂସ୍କାର ଓ ଶିକ୍ଷାର ମାନ ବଢ଼ାଇବାର ଲକ୍ଷକୁ ପ୍ରଂଶାସା କରିବା ସହ ଆଗାମୀ ଦିନରେ ବାୟକଙ୍କ ଉନ୍ନତମାନର ଶିକ୍ଷା ପାଇଁ ତାଙ୍କର ସହଯୋଗ ରହିବ ବୋଲି କହିଥିଲେ। ସଂଘର ଉପଦେଷ୍ଟା ବରିଷ୍ଠ ବାୟକ ବ୍ରହ୍ମାନନ୍ଦ ବେହେରା ଓ ଯଜ୍ଞ ଅନୁଷ୍ଠାନର ସଭାପତି ବିଦ୍ୟାଧର ବାରିକ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସଂଧ୍ୟାରେ ସହ ଯୋଗିତା ପାଲା ସମୁଦାୟ ୧୧ଜଣ ଗାୟକ, ୨ ବିଶିଷ୍ଟ ଗାୟିକାଙ୍କ ଦ୍ୱାରା ପ୍ରାଚୀନ ରାଗ ରାଗିଣୀ, ଛନ୍ଦ, ଚଉପଦୀ, ଚମ୍ପୁ, ଗାନ କରି ଦର୍ଶକଙ୍କୁ ମନ ମୁଗ୍ଧ କରିଥିଲେ। ଜିଲାର ବର୍ଷିଆନ ପାଲା ଗାୟକ, ବାୟକ ଓ ତାଳକଙ୍କୁ ମାନପତ୍ର ଓ ଉତ୍ତୋରୀୟ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ସନ୍ତୋଷ ବାରିକ, ଲୋଚନ ପାତ୍ର, ପ୍ରସନ୍ନ ଦାସ, ଯଦୁମଣି ପଲେଇ, ଶ୍ୟାମଘନ ମହାନ୍ତ, ପିତବାସ ବାରିକ, ଅଭିରାମ ପଲେଇ, ଗୟାଧର ପଲେଇ, ଶରତ ଚନ୍ଦ୍ର ପଲେଇ, ଦୁଷ୍ମନ୍ତ ନାଏକ, ଲକ୍ଷ୍ମୀଧର ମହାନ୍ତ ଓ ପ୍ରଫୁଲ୍ଲ ବାରିକ ଉପସ୍ଥିତ ରହି ଉକ୍ତ ସମ୍ମିଳନୀ ସୁପରିଚାଳନା କରିଥିଲେ।

# ୧୫ ଦିନ ବିତିଲା, ଦାଖଲ ହେଲାନି ରିପୋର୍ଟ

ହାଟଡିହୀ, ୧୯।୨(ଶୁଭକାନ୍ତ ନାୟକ)

୧୫ ଦିନ ବିତିଲାଣି। ଏକ ଘଟଣାରେ ରାଜ୍ୟ ଆର୍‌ସିଏସ୍ (ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟ୍ସ) କାର୍ଯ୍ୟାଳୟ ତରଫରୁ କେନ୍ଦୁଝର ଡିଆର୍‌ସିଏସ୍‌ଙ୍କୁ ମଗାଯାଇଥିବା ରିପୋର୍ଟ ଦାଖଲ ହୋଇପାରିନି। ଫଳରେ ଘଟଣା ଦିନକୁ ଦିନ ସଙ୍ଗୀନ ହୋଇପଡୁଥିବା ବେଳେ ଅନ୍ତଃକନ୍ଦଳ ଏକ ପ୍ରକାରର ବଢ଼ିବାରେ ଲାଗିଛି। ଏ ସଂକ୍ରାନ୍ତରେ ଆନନ୍ଦପୁର ଏଆର୍‌ସିଏସ ବିକାଶ ନାୟକ କହିଛନ୍ତି ଯେ, ଘଟଣା ଅଣ୍ଡର ପ୍ରୋସେସ(ପ୍ରକ୍ରିୟାଧୀନ)ରେ ରହିଛି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଡ଼ଅଁର ସେବା ସମବାୟ ସମିତିର ମ୍ୟାନେଜମେଣ୍ଟ କମିଟିରୁ ଡାଇରେକ୍ଟର ମାନଙ୍କର ନୂତନ ସମବାୟ ସମିତିକୁ ଚାଲିଯାଇଥିବା ସଦସ୍ୟତା ପୂର୍ବ ସମିତିକୁ ଫେରସ୍ତ ନେଇ ଆର୍‌ସିଏସ୍ କାର୍ଯ୍ୟାଳୟ ତରଫରୁ ଚିଠି ନଂ.୨୧୮୨/୩ ଫେବୃୟାରୀ ୨୦୨୫ରେ କେନ୍ଦୁଝର ଡିଆର୍‌ସିଏସ୍‌ଙ୍କୁ ରିପୋର୍ଟ ମଗାଯାଇଥିଲା। ପରେ ସଦସ୍ୟତା ଚାଲିଯାଇଥିବା ଡାଇରେକ୍ଟରମାନଙ୍କ ତାଲିକା ଆନନ୍ଦପୁର ଏଆର୍‌ସିଏସ୍‌ଙ୍କୁ ସମିତି ସମ୍ପାଦକ ଉମାକାନ୍ତ ନାୟକ ଜାରି ହୋଇଥିବା ଫର୍ମାଟରେ ପ୍ରଦାନ କରିଥିଲେ। ଉକ୍ତ ସମବାୟ ସମିତି ଅଧୀନରେ ନିର୍ବାଚିତ ଏକ ୧୫ ଜଣିଆ ମ୍ୟାନେଜମେଣ୍ଟ କମିଟିରୁ ନିର୍ବାଚିତ ୯ ଜଣ ଡାଇରେକ୍ଟରଙ୍କ ସଦସ୍ୟତା ଗତ ଜୁନ ୨୦୨୩ରୁ ନୂତନ ଭାବେ ଖୋଲିଥିବା ଗେଡ଼ମା(୪ ଜଣ)ଏବଂ କଳିଙ୍ଗା (୫ ଜଣ)ସମିତିକୁ ଚାଲିଯାଇଥିଲା। କିନ୍ତୁ ସଦସ୍ୟତା ଚାଲିଯିବା ପରବର୍ତ୍ତୀ ସମୟରେ ଡାଇରେକ୍ଟରମାନେ ପୂର୍ବ ତଥା ଡଅଁର ସମବାୟ ସମିତିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଆସୁଥିଲେ। ଏପରିକି ରାଜ୍ୟ ସମବାୟ ବିଭାଗ ନୋଟିଫିକେସନ ନଂ. ୧୧୧୭୧/ ୨୧।୯।୨୦୨୩ ଅନୁସାରେ ପୂର୍ବ ସମବାୟ ସମିତି କମିଟି ସଦସ୍ୟମାନଙ୍କର ସଦସ୍ୟତା ନୂତନ ସମବାୟ ସମିତିର ନିର୍ବାଚିତ କମିଟି ନ ହେବା ପର୍ଯ୍ୟନ୍ତ ଟ୍ରାନ୍ସଫର ହେବନି ବୋଲି ପ୍ରକାଶ ପାଇଥିଲା। ଉକ୍ତ ନୋଟିଫିକେସନ ଆଧାରରେ ଆରସିଏସ୍ କାର୍ଯ୍ୟାଳୟ ତରଫରୁ ଚିଠି ନଂ. ୧୮୧୦୭/୧୩।୧୦।୨୦୨୩ରେ ସମସ୍ତ ଡିଆର୍‌ସିଏସ୍ ଏବଂ ଏଆର୍‌ସିଏସଙ୍କୁ ମଧ ଅବଗତ କରାଯାଇଥିଲା।

# ତଦନ୍ତ ନିର୍ଦ୍ଦେଶ ଦେଲେ ଏନ୍‌ଏଚ୍‌ଆର୍‌ସି

**ମାନବାଧିକାର ଉଲ୍ଲଂଘନ ପ୍ରସଙ୍ଗ**

କେନ୍ଦୁଝର, ୧୯।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ମାନବାଧିକାର ଉଲ୍ଲଂଘନ ନେଇ ଏକ ପିଟିସନର ଶୁଣାଣି କରି ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ସୋମବାର ମୁଖ୍ୟ ଶାସନ ସଚିବଙ୍କୁ ଘଟଣାର ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫ ଫେବ୍ରୁଆରୀ ୨ ତାରିଖରେ ମାନବାଧିକାର କର୍ମୀ ତଥା ବରିଷ୍ଠ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଏହି ପିଟିସନ ଦାଖଲ କରିଥିଲେ। ପିଟିସନରେ ତ୍ରିପାଠୀ ଦର୍ଶାଇଥିଲେ ଯେ, କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅଧୀନ ଗୋଧୁଳି ଗାଁର ସାବିତ୍ରୀ ନାମକ ଜଣେ ଦଳିତ ମହିଳା ଓ ତାଙ୍କ ପରିବାର ଉପଯୁକ୍ତ ନିଯୁକ୍ତି, ବାସଗୃହ କିମ୍ବା ଅନ୍ୟ କୌଣସି ସରକାରୀ ଆର୍ଥିକ ସହାୟତା ପାଇବା ପାଇଁ ସଂଘର୍ଷ କରୁଛନ୍ତି। ଏଭଳି ପରିସ୍ଥିତିରେ ପରିବାରର ଖର୍ଚ୍ଚ ତୁଲାଇବା ପାଇଁ ମୁକେଶ (୧୩) ଓ ସୁକେଶ (୧୧) ନାମକ ତାଙ୍କ ଦୁଇ ପୁଅଙ୍କୁ ପଡ଼ୋଶୀଙ୍କୁ ୫ ହଜାର ଟଙ୍କାରେ ବିକ୍ରି କରିବାକୁ ପଡ଼ିଥିଲା। ଏବେ ମହିଳା ଜଣକ ଯନ୍ତ୍ରଣା ଭୋଗୁଛନ୍ତି। ଏଣୁ ସେମାନଙ୍କୁ ସହାୟତା ଦେବାକୁ ଓଡ଼ିଶା ସରକାରଙ୍କୁ ଆଦେଶ କରିବାକୁ ସେ କମିଶନଙ୍କୁ ନିବେଦନ କରିଥିଲେ। ତେବେ ଏହା ଏକ ସମ୍ବେଦନଶୀଳ ତଥା ମାନବାଧିକାର ଉଲ୍ଲଘଂନ ମାମଲା ହୋଇଥିବାରୁ ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ସହ ୧୫ ଦିନ ମଧ୍ୟରେ ସବିଶେଷ ରିପୋର୍ଟ ଦେବାକୁ କମିଶନ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଆଦେଶ କରିଛନ୍ତି।

# କେନ୍ଦୁଝର ଡିଗ୍ରୀ ଇଞ୍ଜିନିୟରିଂ କଲେଜର ଭିତ୍ତିଭୂମି ବିକାଶ ଦାବି

**କର୍ତ୍ତୃପକ୍ଷଙ୍କୁ ସିଟିଜେନ ଫୋରମର ସ୍ମାରକପତ୍ର**

କେନ୍ଦୁଝର, ୧୯।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରରେ ଅବସ୍ଥାପିତ ସରକାରୀ ଡିଗ୍ରୀ ଇଞ୍ଜିନିୟରିଂ କଲେଜର ଶୈକ୍ଷିକ ବାତାବରଣର ଉନ୍ନତି ଓ ଭିତ୍ତିଭୂମି ବିକାଶରେ ଉପୁଜୁଥିବା ବିବିଧ ସମସ୍ୟାର ଆଶୁ ସମାଧାନ ପାଇଁ କେନ୍ଦୁଝର ସିଟିଜେନ ଫୋରମ ପକ୍ଷରୁ ବୁଧବାର ପୂର୍ବାହ୍ନରେ ଗଠନମୂଳକ ପ୍ରସ୍ତାବ ସମ୍ମିଳିତ ଏକ ସ୍ମାରକପତ୍ର ପ୍ରିନ୍ସିପାଲ ପ୍ରଫେସର ସରୋଜ ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଛି। ଫୋରମର ସମ୍ପାଦକ ଇଂ. ଅଜୟ କୁମାର ସାହୁ, ଇଂ. ହରମୋହନ ପଟ୍ଟନାୟକ, ସରୋଜ ମହାନ୍ତି, କିଶୋର ଦାଶ, ରବି ସି ପ୍ରମୁଖ ପ୍ରିନ୍ସିପାଲ ଓ ରେଜିଷ୍ଟ୍ରାରଙ୍କୁ ସାକ୍ଷାତ କରି କଲେଜର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଚଳିତ ବର୍ଷଠାରୁ ଇଲେକ୍ଟ୍ରିକାଲରେ ଏମ୍‌ଟେକ୍ କୋର୍ସ ଆରମ୍ଭ କରିବା ପାଇଁ ସରକାର ଅନୁମୋଦନ କରିଥିବାରୁ ସ୍ୱାଗତ କରାଯାଇଥିଲା। ପ୍ଲେସମେଣ୍ଟକୁ ସୁଗମ କରିବା ପାଇଁ କଲେଜ ସହ ସରକାର ଓ ସ୍ଥାନୀୟ କମ୍ପାନୀଗୁଡ଼ିକ ସହ ବୁଝାମଣାପତ୍ର ପତ୍ର ସ୍ୱାକ୍ଷର କରିବା, ଆପେରେଣ୍ଟିଶିପ୍ ପ୍ରୋଗ୍ରାମ, ସ୍କିଲ ଡେଭଲପମେଣ୍ଟ ଟ୍ରେନିଂର ଆୟୋଜନ, ପ୍ରାକ୍ଟିକାଲ କ୍ଲାସ ନିମନ୍ତେ ଆଧୁନିକ ଯନ୍ତ୍ରପାତି ଯୋଗାଣ ଓ ଲାବରୋଟୋରୀ ପ୍ରଶିକ୍ଷକ ନିଯୁକ୍ତି, ସମସ୍ତ ଇଞ୍ଜିନିୟରିଂ ବ୍ରାଞ୍ଚ ପାଇଁ ଏଆଇସିଟିଇର ଅନୁମୋଦନ, ଖେଳପଡ଼ିଆ, ଜିମ୍, କମନରୁମ୍ ନିର୍ମାଣ, ହଷ୍ଟେଲ ଶୌଚାଳୟର ପରିଚ୍ଛନ୍ନତା, ପାନୀୟ ଜଳ ସଙ୍କଟର ସ୍ଥାୟୀ ସମାଧାନ, ଧୁପଦା, ନିହାଲସିଙ୍ଗଠାରୁ କଲେଜ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ, ଆଲୋକୀକରଣ ବ୍ୟବସ୍ଥା ଆଦି ପ୍ରସ୍ତାବ କାର୍ଯକାରୀ ଦିଗରେ ସିଟିଜନ ଫୋରମ ସକ୍ରିୟ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

# ରଘୁନାଥପୁରକୁ ବିଲ ରାସ୍ତା ଭରସା

ହାଟଡିହୀ, ୧୯।୨(ଶୁଭକାନ୍ତ ନାୟକ)

ସରକାରୀ ଯୋଜନା ମାଳ ମାଳ। କିନ୍ତୁ ଉପଯୁକ୍ତ ଅନୁଧାନ ଅଭାବରୁ ଅନେକ କ୍ଷେତ୍ରରେ ଏହି ଯୋଜନା ଫେଲ ମାରୁଛି। ସାଧାରଣ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଥିପ୍ରତି ବ୍ଲକ କିମ୍ବା ଜିଲା ପ୍ରଶାସନ ଦୃଷ୍ଟି ନ ଦେବା ପରିତାପର ବିଷୟ ସାଜିଛି। ଫଳରେ ସରକାରୀ କର୍ମଚାରୀଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦେଶ ସ୍ୱାଧୀନତା ଲାଭ କରିବାର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କଳିଙ୍ଗା ପଞ୍ଚାୟତ ରଘୁନାଥପୁରକୁ ଭଲ ରାସ୍ତା ଖଣ୍ଡିଏ ଅଦ୍ୟାବଧି ନିର୍ମାଣ ହୋଇପାରିନି। ଏହି ଗ୍ରାମରେ ପ୍ରାୟ ୪୦ ପରିବାରର ପ୍ରାୟ ୨୦୦ ଲୋକ ବସବାସ କରନ୍ତି। ଉକ୍ତ ଗ୍ରାମକୁ ଯିବାକୁ ହେଲେ ଅସ୍ଥାୟୀ ମାଟି ରାସ୍ତା ଉପରେ ନିର୍ଭର କରିବାକୁ ପଡ଼େ। ରାସ୍ତାର ଦୁଇ ପାର୍ଶ୍ୱରେ ଚାଷ ଜମି ରହିଛି। ବର୍ଷା ଦିନ ହେଲେ ରାସ୍ତା କାଦୁଅ ହୋଇଯାଏ। ସ୍ଥିତି ସଙ୍ଗୀନ ହୋଇ ପଡ଼େ। ଫଳରେ କାଦୁଅ ରାସ୍ତାରେ ଗ୍ରାମର ଲୋକେ ଯାତାୟାତ କରନ୍ତି। ରାସ୍ତାର ଉଚ୍ଚତା ନ ଥିବାରୁ ଆଉ କେତେବେଳେ ମଧ ଏହି ମାଟି ରାସ୍ତା ଉପରେ ବର୍ଷା ପାଣି ଜମି ରହେ। ଦୁଇ ଚକିଆ କିମ୍ବା ଚାରି ଚକିଆ ଯିବା ଦୂରର କଥା, ସାଇକେଲ ଖଣ୍ଡେ ଯାଇ ପାରେନି। ଏକ ସ୍ଥାୟୀ ଏବଂ ଯାତାୟାତ ଯୋଗ୍ୟ ରାସ୍ତା ନିର୍ମାଣ ଦିଗରେ ସରକାର ଏବଂ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମର ଗୋବର୍ଦ୍ଧନ ଧଳ, ନିରଞ୍ଜନ ଧଳ, ଗୁରୁଚରଣ ସାହୁ, ଗଦାଧର ସା, ପରୀକ୍ଷିତ ସା, ରାଜୀବ ସା, ଅଭୟ ଖଟୁଆ ପ୍ରମୁଖ ଦାବି କରିଛନ୍ତି।


ଅସ୍ଥାୟୀ ମାଟି ରାସ୍ତା।

## ସଂକ୍ଷେପରେ

### ରାଶନକାର୍ଡ ଫେରାଇଲେଣି ୧୧୬ ସରକାରୀ ବାବୁ, ୨୮ ଆୟକରଦାତା

ଖଇରା, ୧୯।୨(ଉତ୍କଳବନ୍ଧୁ ପଣ୍ଡା):

ବାଲେଶ୍ୱର ଜିଲା ଖଇରା ବ୍ଲକରେ ୧୩୪ଜଣ ସରକାରୀ କର୍ମଚାରୀଙ୍କ ନାମରେ ରାଶନକାର୍ଡ ଥିବା ବେଳେ ଏଥିମଧ୍ୟରୁ ୧୧୬ଜଣ ଏବେ ସୁଦ୍ଧା କାର୍ଡ ଫେରାଇଛନ୍ତି। ସେହିଭଳି ଆୟକର ଦେଉଥିବା ୧୧୬୫ ହିତାଧିକାରୀଙ୍କୁ କାର୍ଡ ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏ ପର୍ଯ୍ୟନ୍ତ ୨୮ଜଣ କାର୍ଡ ଫେରାଇଛନ୍ତି। ୨୮ଜଣ କାର୍ଡ ନ କାଟିବାକୁ ଦରଖାସ୍ତ ଦେଇଥିବା ଜଣାଯାଇଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ବିଭାଗ ଅଧିକାରିଣୀ ସୁଭାଷିନୀ ସାହୁଙ୍କୁ ଯୋଗାଯୋଗ କରିବାରେ କାର୍ଡ ଫେରାଇବାକୁ ତାଗିଦ୍ କରାଯିବ । ଯଦି ନ ଫେରାନ୍ତି ତେବେ ତଦନ୍ତ କରି କାର୍ଡ ବାତିଲ କରାଯିବ ବୋଲି କହିଛନ୍ତି।

# ଜିଲାରେ ୧୨ ପ୍ରଶ୍ନପତ୍ର ହବ୍, ୧୮୮ କେନ୍ଦ୍ର

**ମାଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ କର୍ମଶାଳା**

■ ୩୧ହଜାର ୪୪ ଜଣ ପରୀକ୍ଷାର୍ଥୀ

ବାଲେଶ୍ୱର, ୧୯।୨(ବାଞ୍ଛାନିଧି ଦେ):

ବାଲେଶ୍ୱର ଜିଲା ସ୍କୁଲ ସମ୍ମିଳନୀ କକ୍ଷରେ ୨୦୨୪-୨୫ ମାଟ୍ରିକ ପରୀକ୍ଷାର ସୁପରିଚାଳନା ନିମନ୍ତେ ମଙ୍ଗଳବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ପ୍ରୀତୀତନୟା ଗିରି ଏଥିରେ ଅଧ୍ୟକ୍ଷତା କରି ହାଇସ୍କୁଲ ସାର୍ଟିଫିକେଟ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷାକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ।

ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଜିଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ, ଜିଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟଶିଖା ମହାନ୍ତି, ଟାଉନହାଇସ୍କୁଲ ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ଭୂୟାଁ ଯୋଗଦେଇ ସମସ୍ତ କେନ୍ଦ୍ର ନିରୀକ୍ଷକ, ପର୍ଯ୍ୟବେକ୍ଷକ ତଥା ନୋଡାଲ ସେଣ୍ଟର ପ୍ରଧାନ ଶିକ୍ଷକଙ୍କୁ ପରୀକ୍ଷା ସୁପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ପିପିଟି ମାଧ୍ୟମରେ ବୁଝାଇଥିଲେ। ବିଶେଷ କରି ପରୀକ୍ଷା କେନ୍ଦ୍ର ତଥା ପ୍ରଶ୍ନପତ୍ର ହବ୍ ହୋଇଥିବା ନୋଡାଲ ସେଣ୍ଟରଗୁଡ଼ିକରେ ନିଯୁକ୍ତ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମୋବାଇଲ ଫୋନ୍ ବ୍ୟବହାର ଉପରେ କେନ୍ଦ୍ର ନିରୀକ୍ଷକଙ୍କୁ ତାଗିଦ୍ କରିଥିଲେ। ଚଳିତବର୍ଷ ଜିଲାରେ ୧୨ଟି ପ୍ରଶ୍ନପତ୍ର ହବ୍, ୧୮୮ଟି ପରୀକ୍ଷା କେନ୍ଦ୍ର ବୋର୍ଡ ପକ୍ଷରୁ ନିର୍ଦ୍ଧାରଣ କରାଯାଇଛି। ଚଳିତବର୍ଷ ୫୨୪ ବିଦ୍ୟାଳୟର ୨୯ହଜାର ୯୬୮ ଜଣ ରେଗୁଲାର ଓ ଏକ୍ସ-ରେଗୁଲାର, ୪୨୯ଜଣ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀ, ୬୪୭ ଜଣ ମଧ୍ୟମା ପରୀକ୍ଷାର୍ଥୀ ମିଶି ମୋଟ୍ ୩୧ହଜାର ୪୪ ଜଣ ପରୀକ୍ଷାର୍ଥୀ ଥିବା ଜିଲା ବିଜ୍ଞାନ ପରିଦର୍ଶକ ମହାନ୍ତ କହିଥିଲେ। ୧୮୮ଟି କେନ୍ଦ୍ରରେ ୧୮୮ଜଣ ଅବଜରଭର ନିଯୁକ୍ତ କରାଯାଇଛି। ଜିଲା ସ୍କ୍ୱାଡ୍, ବୋର୍ଡ ସ୍କ୍ୱାଡ୍, ସେଣ୍ଟ୍ରାଲ ସ୍କ୍ୱାଡ୍ ଏବଂ ଜିଲାପାଳଙ୍କ ଦ୍ୱାରା ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। କୌଣସି କ୍ଷେତ୍ରରେ ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ। ରାଜ୍ୟ ସରକାର ଓ ବୋର୍ଡ କାର୍ଯ୍ୟାଳୟ ତରଫରୁ ପରୀକ୍ଷାକୁ ସ୍ୱଚ୍ଛ, ଅବାଧ ପରିଚାଳନା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଜିଲା ଶିକ୍ଷାଧିକାରୀ ଗିରି କହିଥିଲେ।


କର୍ମଶାଳାରେ ଅତିରିକ୍ତ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

## ଡ. ଜସ୍ମିନ ନାୟକଙ୍କୁ ଯୁବ ବୈଜ୍ଞାନିକ ସମ୍ମାନ

କାଳିପଦା, ୧୯।୨(ରାଜଶ୍ରୀ ପାଣିଗ୍ରାହୀ):

ଇଣ୍ଡିଆନ ସୋସାଇଟି ଫର୍ ଦି ଷ୍ଟଡି ଅଫ୍ ରିପ୍ରଡକଶନ ଓ ଫର୍ଟିଲିଟି(ଆଇଏସ୍‌ଏସ୍‌ଆର୍‌ଏଫ୍) ଏବଂ ଇଣ୍ଟରନ୍ୟାଶନାଲ କନଫରେନସ ଅନ୍ ରିପ୍ରଡକଟିଭ ବାୟୋମେଡିସିନର ମିଳିତ ସହଯୋଗରେ ରାଜସ୍ଥାନ ଜୟପୁରଠାରେ ୩୪ତମ ବାର୍ଷିକୀ ଉତ୍ସବ ୩ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ପ୍ରତାପପୁର ଗ୍ରାମର ଯୁବ ବୈଜ୍ଞାନିକ ଡ. ଜସ୍ମିନ ନାୟକ ସମ୍ବର୍ଦ୍ଧନା ହେବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି। ଡ. ଜସ୍ମିନ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଜ୍ଞାନର ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ ହାସଲ କରିବା ପରେ ଏମ୍‌ଫିଲ୍ ଓ ପିଏଚ୍‌ଡି ପରେ ସେହି ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ଆସୋସିଏଟ ଭାବେ କାର୍ଯ୍ୟରତ ଅଛନ୍ତି। ମାନବ କଲ୍ୟାଣ ନିମନ୍ତେ ବିକଶିତ ପ୍ରଜନନ ଓ ଉନ୍ନତ ଜୈବିକ ପ୍ରଜାତିର ଉତ୍ପାଦନ ସମ୍ପର୍କରେ ୧୩ଟି ଗବେଷଣାତ୍ମକ ନିବନ୍ଧ, ୪ଟି ପେଟେଣ୍ଟ ଓ ଗୋଟିଏ ସନ୍ଦର୍ଭ ରଚନା କରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ବୈଜ୍ଞାନିକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପ୍ରଫେସର ଜିପି ତଲୱାର, ଯୁବ ବୈଜ୍ଞାନିକ ସମ୍ମାନ ପାଇବାର କୃତିତ୍ୱ ହାସଲ କରିପାରିଛନ୍ତି। ଏହି ସଫଳତା ପାଇଁ ପ୍ରୋତ୍ସାହିତ କରିଥିବା ଜେଜେବାପା ଦିବାକର ନାୟକ, ଜେଜେମା ପାର୍ବତୀ ନାୟକ, ଶାଶୁ ନଳିନୀ ପ୍ରଧାନ, ବାପା ଅବସରପ୍ରାପ୍ତ ଇଂ. ଝାଡ଼େଶ୍ୱର ନାୟକ, ମା' ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ଜେନା, ଅଜା ବରେନ୍ଦ୍ରନାଥ ଜେନା, ଆଈ ରାସମଣି ଓ ସ୍ୱାମୀ ଇଂ. ମନୋଜ କୁମାର ପ୍ରଧାନଙ୍କୁ ଜସ୍ମିନ କୃତଜ୍ଞତା ଜଣାଇଛନ୍ତି।



ବୈଜ୍ଞାନିକ ସମ୍ମାନ ଗ୍ରହଣ କରୁଛନ୍ତି ଜସ୍ମିନ।

## ଡାକ୍ତର ନିଯୁକ୍ତି ଦାବି ତେଜିଲା

**ଫକୀରମୋହନ ମେଡିକାଲ କଲେଜ, ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ସୋର, ୧୯।୨(ଜନ୍ମେଜୟ ମିଶ୍ର):

ଫକୀରମୋହନ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି, ସୋର ଶାଖା ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସୋର ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି। ମୁଖ୍ୟତଃ ଫକୀରମୋହନ ମେଡିକାଲ କଲେଜରେ ହୃଦରୋଗ, ସ୍ନାୟୁରୋଗ, ମୂତ୍ରାଶୟ, ପେଟରୋଗ ବିଭାଗ ଖୋଲାଯିବା ସହ ବିଶେଷଜ୍ଞ ଡାକ୍ତର ଓ ବୈଷୟିକ କର୍ମଚାରୀ ନିଯୁକ୍ତି, ମାନସିକ ଓ ଅଗ୍ନିଦଗ୍ଧ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ, ଡାକ୍ତରୀ ଶିକ୍ଷା ପାଇଁ ଶହେ ସିଟକୁ ଦେଢ଼ଶହ ବୃଦ୍ଧି କରିବା, ବାଲେଶ୍ୱର ଏମ୍‌ସ ସାଟେଲାଇଟ ହସ୍ପିଟାଲ ବହିର୍ବିଭାଗକୁ ସପ୍ତାହେବ୍ୟାପୀ ରୋଗୀ ଦେଖିବା, ପ୍ରସ୍ତାବିତ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବଶିଷ୍ଟ ମଞ୍ଜୁରୀ ପ୍ରାପ୍ତ ୬ ଜଣ ନିୟମିତ ବହିର୍ବିଭାଗ ଡାକ୍ତର ନିଯୁକ୍ତି ଦେବା, ଅବଶିଷ୍ଟ ୨ଜଣ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରବା ଓ ୧୦ଜଣ ନିୟମିତ ଷ୍ଟାଫନର୍ସଙ୍କୁ ନିଯୁକ୍ତିଦେବା ଦାବି କରାଯାଇଛି। ସେହିପରି ସୋର ଡାକ୍ତରଖାନାରେ ରକ୍ତସଂରକ୍ଷଣ ବ୍ୟବସ୍ଥା ଏବଂ କୁକୁର କାମୁଡା ଔଷଧ ମହଜୁଦ ପାଇଁ ଦାବି କରାଯାଇଛି। ଅଞ୍ଚଳ କମିଟିର ସଭାପତି ନବକିଶୋର ଦାସଙ୍କ ନେତୃତ୍ୱରେ, ମାୟାଧର ନାୟକ, ଦାମୋଦର ଦାଶ ମହାପାତ୍ର, ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ, ଗଙ୍ଗାଧର ପାଢ଼ୀ, କମଳାକାନ୍ତ ପାଢ଼ୀ, ଅନାମ ପ୍ରସାଦ ବାରିକ, ଅନିରୁଦ୍ଧ ପାଢ଼ୀ ଓ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

## ୬ ଘଣ୍ଟା ରେଳଫାଟକ ବନ୍ଦ, ଲୋକେ ହନ୍ତସନ୍ତ


ମାର୍କୋଣା ରେଳଷ୍ଟେଶନର ଉତ୍ତର କ୍ୟାବିନ ଫାଟକ ନିକଟରେ ଅଟକିରହିଥିବା ଯାତ୍ରୀଗଣ।

**ମାର୍କୋଣା ଷ୍ଟେଶନ**

■ ଉତ୍ତର ରେଳଫାଟକ ନେଇ ଅସନ୍ତୋଷ

ସିମୁଳିଆ, ୧୯।୨(ସନ୍ତୋଷ ନାୟକ):

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ରେଳଷ୍ଟେଶନକୁ ନେଇ ବୁଧବାର ଅସନ୍ତୋଷ ସୃଷ୍ଟି ହୋଇଛି। ବିଭାଗ ପକ୍ଷରୁ ପୂର୍ବରୁ ସୂଚନା ଦିଆ ନ ଯିବା ଯୋଗୁ ଉତ୍ତରକ୍ୟାବିନ ଫଟକ ନିକଟରେ ଶହ ଶହ ଗାଡି ମୋଟର ଉଭୟ ପାର୍ଶ୍ୱରେ ଅଟକି ରହିବା ସହିତ ବିଭିନ୍ନ ସ୍କୁଲ କଲେଜ ଛାତ୍ରୀଛାତ୍ର, ବ୍ୟବସାୟୀ, ସରକାରୀ ବେସରକାରୀ କର୍ମଚାରୀଙ୍କ ସମେତ ଜନସାଧାରଣ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହୋଇଥିଲେ।

ସୂଚନା ଯେ, ମାର୍କୋଣା ରେଳଷ୍ଟେଶନର ଉତ୍ତରପାର୍ଶ୍ୱ କ୍ୟାବିନ ଫାଟକରେ କାମ ଚାଲୁରହିବା ଯୋଗୁ ଫାଟକ ବନ୍ଦ ରହିଥିଲା। ତେବେ ବୁଧବାର ସକାଳେ ଏହି ଫାଟକର ଉଭୟ ପାର୍ଶ୍ୱରେ ଦୁଇଟି ଛୋଟ ପ୍ଲେଟରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗେଟ ବନ୍ଦ ଥିବା ଜନସାଧାରଣ ସକାଳେ ଦେଖିବାକୁ ପାଇଥିଲେ। ପରେ ସମୟ ପରିବର୍ତ୍ତନ କରାଯାଇ ହାତରେ ସକାଳ ୯ଟାରୁ ୩ଟା ଲେଖାଯାଇଥିଲା। ଏହି ଫାଟକ ଦେଇ ସିମୁଳିଆ-ଖଇରା ଓ ଔପଦା ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ରହିଛି । ଦକ୍ଷିଣ -ପୂର୍ବ ରେଳପଥ ବିଭାଗୀୟ ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବା ଜନସାଧାରଣଙ୍କ ପ୍ରତି ଧ୍ୟାନ ଦେଉ ନ ଥିବାରୁ ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ପ୍ରସ୍ତୁତି ହେଉଥିବା ମାର୍କୋଣା ନାଗରିକ ମଞ୍ଚର ଉପଦେଷ୍ଟା କଳ୍ପତରୁ ଦାଶ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମାର୍କୋଣା ରେଳ ଷ୍ଟେଶନର ଉଭୟ ପାର୍ଶ୍ୱରେ ଉତ୍ତର କ୍ୟାବିନ ଓ ଦକ୍ଷିଣ କ୍ୟାବିନ ରହିବା ସହିତ ଦୁଇଟି ରେଳ ଫାଟକ ଥିଲା। ତେବେ ବିଭାଗୀୟ ଦକ୍ଷିଣ କ୍ୟାବିନ ଫାଟକକୁ ବନ୍ଦ କରିବା ସହିତ ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ଜନସାଧାରଣଙ୍କ ପାଇଁ କେବଳ ଉତ୍ତର କ୍ୟାବିନ ଫାଟକ ଦେଇ ଗମନାଗମନ କରିବାର ବ୍ୟବସ୍ଥା କରିଛି। ତେବେ ଜନସାଧାରଣ ଓ ଗାଡି ମୋଟର ସଂଖ୍ୟା ବଢ଼ିଯିବା ସହିତ ଟ୍ରେନ ସଂଖ୍ୟା ମଧ୍ୟ ବଢ଼ିଛି। ପ୍ରତ୍ୟେକ ୧୫/୨୦ମିନିଟ ବ୍ୟବଧାନରେ ପାସେଞ୍ଜର ଓ ମାଲଗାଡି ଯାତାୟାତ କରୁଥିବାରୁ ଦୀର୍ଘ ସମୟ ଧରି ଜନସାଧାରଣ ଫାଟକ ନିକଟରେ ଅଟକି ରହୁଥିବାରୁ ଆନ୍ଦୋଳନ ତେଜୁଛି। ଫ୍ଲାଏଓଭର ନିର୍ମାଣ ପାଇଁ ଦାବି ହୋଇଆସୁଥିଲେ ହେଁ ବିଭାଗ ଅଧିକାରୀ ନୀରବଦ୍ରଷ୍ଟା ପାଲଟିଛନ୍ତି। ସେହିପରି ବିଭିନ୍ନ ଆନ୍ଦୋଳନ ପରେ ଇଷ୍ଟକୋଷ୍ଟ ଓ ଧଉଳି ଏକ୍ସପ୍ରେସ ଅଟକୁଥିଲା। କରୋନା ପରଠାରୁ ଏହି ଦୁଇଟି ଟ୍ରେନ ଅନ୍ୟ ଷ୍ଟେଶନମାନଙ୍କରେ ଅଟକୁଥିବା ବେଳେ ମାର୍କୋଣା ଷ୍ଟେଶନରେ ଅଟକୁ ନ ଥିବାରୁ ଜନସାଧାରଣ ଏହାରୁ ୨୦କି.ମି. ଦୂର ଭଦ୍ରକ ଓ ସୋର ଷ୍ଟେଶନକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ମାର୍କୋଣା ଷ୍ଟେଶନ ଉପରେ ସିମୁଳିଆ, ଖଇରା, ଔପଦା ସହିତ ସିମୁଳିଆ ବ୍ଲକକୁ ଲାଗି କରିଥିବା ସୋର ଓ ଭଦ୍ରକ ଜିଲାର ବିଭିନ୍ନ ଜନସାଧାରଣ ନିର୍ଭର କରନ୍ତି। ତେବେ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

### ଶିଳାନ୍ୟାସର ବର୍ଷେ ବିତିଗଲା

## ଆରମ୍ଭ ହୋଇପାରିଲାନି ସାରଡ଼ାଙ୍ଗ-କୁଣ୍ଡି ରାସ୍ତା

**ଠିକାଦାରଙ୍କୁ ସୁହାଇବା ନୀତିରେ ମାର୍କୋଣା ଗ୍ରାମ୍ୟ ଉନ୍ନୟନ ବିଭାଗ**

ଖଇରା, ୧୯।୨(ଉତ୍କଳବନ୍ଧୁ ପଣ୍ଡା):

ବାଲେଶ୍ୱର ଜିଲା ଖଇରା ଓ ସିମୁଳିଆ ୨ ବ୍ଲକକୁ ସଂଯୋଗ କରୁଥିବା ସାରଡାଙ୍ଗ-କୁଣ୍ଡି ଭାୟା ବାରାକୁଟି ଆଦିବାସୀ ସାହି ରାସ୍ତାର ଶିଳାନ୍ୟାସ ତାରିଖକୁ ୧୩ମାସ ପୂରିଗଲାଣି। ହେଲେ ଏ ପର୍ଯ୍ୟନ୍ତ ନିର୍ମାଣ ଆରମ୍ଭ ହୋଇପାରିଲାନି। ସାମାନ୍ୟ ବର୍ଷା ହେଲେ ଗ୍ରାମବାସୀ ବିଶେଷ କରି ବାରାକୁଟି ଆଦିବାସୀ ସାହିର ୨ଶହ ପରିବାର ଭାଗ୍ୟକୁ ଆଦରି କାଦୁଅ ପଚ ପଚ ରାସ୍ତାରେ ଘରୁ ବାହାରୁଛନ୍ତି। ଗତ ବର୍ଷା ଋତୁରେ ଗ୍ରାମବାସୀ ନିଜ ଉଦ୍ୟମରେ ରାସ୍ତାରେ କିଛି ମେଟାଲ ବିଛାଇ ଚଳପ୍ରଚଳ ବ୍ୟବସ୍ଥା କରିଥିଲେ। ରାସ୍ତାରେ ଯାତାୟାତ କରୁଥିବା ଗ୍ରାମବାସୀ ପକ୍କା ରାସ୍ତା ପାଇଁ ଉହଲବିକଳ ହେଉଥିବା ବେଳେ ରାସ୍ତା ନିର୍ମାଣ କିଭଳି ହେବ ଠିକାଦାରଙ୍କ ସେଥିପ୍ରତି ଭ୍ରୂକ୍ଷେପ ନାହିଁ। କନିଷ୍ଠଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିଦେବା ବଦଳରେ ଠିକାଦାରଙ୍କୁ ସୁହାଇବା ଭଳି ପଦକ୍ଷେପ ନେଉଥିବାରୁ ରାସ୍ତା ନିର୍ମାଣ ହୋଇ ପାରୁ ନ ଥିବା ଗ୍ରାମର ଜଗବନ୍ଧୁ ମାଝି, ବାବୁ ମାଝି, ଭୀମ ମାରାଣ୍ଡି, ମୁନା ମାଝି, ଶିବ ସୋରେନ, କାଳନ୍ଦୀ ମାଝି ଓ ଲକ୍ଷ୍ମଣ ମାଝି ଅଭିଯୋଗ କରିଛନ୍ତି। ପାଖାପାଖି ୩ କି.ମି. ରାସ୍ତା ପାଇଁ ୨ କୋଟି ୬୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଗତ ୨୦୨୪ ଜାନୁଆରୀ ୨୩ରେ ତତ୍କାଳୀନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରାସ୍ତାର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସର କିଛି ଦିନ ପରେ ଠିକ୍ ବର୍ଷାଋତୁରେ ଠିକାଦାର ଜେସିବିରେ ରାସ୍ତାକୁ ତାଡିଦେଇ ଛାଡିଦେବା ପରେ ଆଉ ନିର୍ମାଣ ପାଇଁ ପଦକ୍ଷେପ ନେଇ ନ ଥିଲେ। ଯେଉଁଥିପାଇଁ ବର୍ଷାଦିନେ ମିର୍ଜାପୁର, ବାରାକୁଟି, ସାରଡାଙ୍ଗ ଗ୍ରାମବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଅଧିକ ଲାଭ ପାଇଁ ରାସ୍ତା ପିଚୁ ବଦଳରେ କଂକ୍ରିଟ କରିବା ଉଦ୍ଦେଶ୍ୟରେ ଏଷ୍ଟିମେଟ ବଦଳାଇବାକୁ ଠିକାଦାର ଜଣକ ଦୌଡାଦୌଡି ଆରମ୍ଭ କରିବା ପରେ ରାସ୍ତାକାମ ପୂରାପୂରି ବନ୍ଦ ରହିଥିଲା। ଏବେ ରାସ୍ତା ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଥିବା ବେଳେ ଉକ୍ତ ଠିକାଦାରଙ୍କ ଲାଇସେନ୍ସ ବାତିଲ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ସାହୁଙ୍କୁ ଯୋଗାଯୋଗ କରିବାରେ ରାସ୍ତାରେ ନଦୀଜଳ ପ୍ରବାହିତ ହେଉଥିବାରୁ ପିଚୁ ବଦଳରେ କଂକ୍ରିଟ ପାଇଁ ଦାବି ହୋଇଥିଲା । ଏବେ ଏଷ୍ଟିମେଟ ସଂଶୋଧନ କାମ ସରିଛି । ଖୁବଶୀଘ୍ର ନିର୍ମାଣ ଆରମ୍ଭ ହେବ ବୋଲି କହିଛନ୍ତି।


ବାରକୁଟି ଆଦିବାସୀସାହିର ବାସିନ୍ଦା ରାସ୍ତାର ଶୋଚନୀୟ ଅବସ୍ଥା ଦେଖାଉଛନ୍ତି।

### କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗର ଚଢ଼ାଉ

## ବାଇକ ସହ ଦେଶୀମଦ ଜବତ, ଜଣେ ଗିରଫ

ସୋର, ୧୯।୨(ଜନ୍ମେଜୟ ମିଶ୍ର) :

କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ନାୟକବନ୍ଧ ଛକ ନିକଟରେ ଚଢ଼ାଉ କରାଯାଇ ବାଇକ ସହ ଦେଶୀମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇ ବୁଧବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ଅବକାରୀ କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଡେପୁଟି କମିଶନର ଉମ୍ବରୁଧର ଖଣ୍ଡାଙ୍କ ତତ୍ତ୍ୱାବଧାନରେ ଆଇଆଇସି ଧୀରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ମଧ୍ୟାହ୍ନରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ନାୟକବନ୍ଧ ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବାହାନଗାରୁ ସୋର ଅଭିମୁଖେ ଆସୁଥିବା ଏକ ବାଇକ୍ (ନଂ. ଓଡି ୦୧ ଏକ୍ସ ୮୪୩୭)କୁ ଏହି ଟିମ୍ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ୬୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ବାଇକ ସହ ମଦକୁ ଜବତ କରିଥିଲେ।

## ବାଲେଶ୍ୱର ରିଭରସାଇଡ୍ ପାର୍କ ପାଇଁ ୫କୋଟି ଅନୁଦାନ ମଞ୍ଜୁର

**ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖିଲେ ମନ୍ତ୍ରୀ**

ବାଲେଶ୍ୱର, ୧୯।୨(ବାଞ୍ଛାନିଧି ଦେ):

ବାଲେଶ୍ୱର ସହର ଉପକଣ୍ଠ ନୁଣିଆଯୋଡ଼ିଠାରେ ପ୍ରସ୍ତାବିତ ରିଭରସାଇଡ୍ ପାର୍କ ପାଇଁ ୫କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ବିଧାନସଭାର ବଜେଟ ଅଧିବେଶନର ପ୍ରଶ୍ନକାଳରେ ମଙ୍ଗଳବାର ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଏହି ପାର୍କ ନିର୍ମାଣ ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁଦାନ ପ୍ରଦାନ ସମ୍ପର୍କରେ ପ୍ରଶ୍ନ ଉପସ୍ଥାପନ କରିଥିଲେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏହାର ଉତ୍ତରରେ ଅନୁଦାନ ମଞ୍ଜୁର ହୋଇଥିବା ପ୍ରକାଶ କରିଥିଲେ। ମନ୍ତ୍ରୀ ଡା. ମହାପାତ୍ର ପୂର୍ବରୁ ବାଲେଶ୍ୱର ଗସ୍ତରେ ଆସି ବିଧାୟକଙ୍କ ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ପାର୍କ ପ୍ରକଳ୍ପର କାର୍ଯ୍ୟର ଅଗ୍ରଗତି ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାର୍କ ନିର୍ମାଣ ପାଇଁ ପୂର୍ବରୁ ୪ କୋଟି ଟଙ୍କାର ଫିଲିଂ କାର୍ଯ୍ୟ ସମ୍ପାଦିତ ହୋଇଛି। ପାର୍କ ନିର୍ମାଣକୁ ବାସ୍ତବ ରୂପ ଦେବା ନେଇ ଡିପିଆର ପ୍ରସ୍ତୁତ ହେବା ପରେ ୫ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ଉତ୍ତର ରଖିଥିଲେ।

ସୂଚନା ଯେ, କେନ୍ଦ୍ର ସରକାରଙ୍କ ଅମୃତ ସହର ଯୋଜନାରେ ବାଲେଶ୍ୱର ସହରକୁ ସାମିଲ କରାଯାଇଥିଲା। ପୌରପାଳିକା ଅଞ୍ଚଳରେ ୩ଟି ପାର୍କ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର ହୋଇଥିଲା। ପାର୍କ ନିର୍ମାଣ ପାଇଁ ନୁଣିଆଯୋଡ଼ି ନିକଟ ଉକ୍ତ ସ୍ଥାନକୁ ଚିହ୍ନଟ କରାଯାଇଥିଲା। ଜନସାଧାରଣଙ୍କ ଚିତ୍ତବିନୋଦନ ପାଇଁ ଏକ ଆକର୍ଷଣୀୟ ପାର୍କର ଆବଶ୍ୟକତା ଦୃଷ୍ଟିରୁ ବିଧାୟକ ଦତ୍ତ ମନ୍ତ୍ରୀ ଡା. ମହାପାତ୍ରଙ୍କୁ ସାକ୍ଷାତ୍ କରି ପାର୍କ ନିର୍ମାଣ ପାଇଁ ଆବଶ୍ୟକ ଅନୁଦାନ ପାଇଁ ଦାବି କରିଥିଲେ।


ବିଧାନସଭାରେ ନିଜର ପ୍ରଶ୍ନ ଉପସ୍ଥାପନ କରୁଛନ୍ତି ବିଧାୟକ ମାନସ ଦତ୍ତ।

## ତାଲା ଭାଙ୍ଗି ଟଙ୍କା, ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

ଭୋଗରାଇ, ୧୯।୨(ପ୍ରଦୀପ ଦାସ):

ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ନିକଟରେ ଏକ ଭଡ଼ା ଘରେ ରହୁଥିବା ଜଣେ ବ୍ୟବସାୟୀଙ୍କ ଘରୁ ମଙ୍ଗଳବାର ମଧ୍ୟରାତ୍ରିରେ ଦୁର୍ବୃତ୍ତମାନେ ଘର ପଛପଟୁ ତାଲା ଭାଙ୍ଗି ଘରେ ପଶି ନଗଦ ୩ ଲକ୍ଷ ଟଙ୍କା ଓ ସମସ୍ତ ସୁନା ଅଳଙ୍କାର ଲୁଟିନେଇ ଛୁ ମାରିଛନ୍ତି। ବ୍ୟବସାୟୀ ରଞ୍ଜିତ ଦାସଙ୍କ ଅଭିଯୋଗକ୍ରମେ କମର୍ଦ୍ଦା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ପ୍ରାଥମିକ ତଦନ୍ତ କରୁଛି। ସୂଚନାନୁଯାୟୀ କାନପୁର ଗ୍ରାମର ରଞ୍ଜିତ ଦାସ କମର୍ଦ୍ଦା ଥାନା ନିକଟରେ ଏକ ଭଡାଘରେ ପରିବାର ସହ ରହି ବ୍ୟବସାୟ କରିଆସୁଥିଲେ। ଏହି ବ୍ୟବସାୟୀ ଆତ୍ମୀୟଙ୍କ ଶୁଦ୍ଧିକ୍ରିୟା ପାଇଁ ଘରେ ତାଲା ମାରି ଯାଇଥିବା ବେଳେ ଘରକୁ ଫେରି ପଛପଟ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଘର ଭିତରେ ସମସ୍ତ ଆସବାବପତ୍ର ଏପଟସେପଟ ହୋଇପଡିଥିବା ବେଳେ ଆଲମିରାରୁ ନଗଦ ୩ଲକ୍ଷ ଟଙ୍କା ଓ ୫ଲକ୍ଷରୁ ଊର୍ଦ୍ଧ୍ୱ ସୁନାଗହଣା ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଅପରପକ୍ଷରେ ନିକଟରେ କମର୍ଦ୍ଦା ଥାନା ଥିବାବେଳେ କମର୍ଦ୍ଦା ବଜାରରେ ଘନ ଘନ ଚୋରି, ଛିନତାଇ ଓ ନିଶା ସାମଗ୍ରୀର ବ୍ୟାପକ କାରବାର ପୋଲିସର ଚିନ୍ତା ବଢାଇଛି।

# ୪ ପ୍ରାଣୀ ଚିକିତ୍ସାଳୟରେ ଝୁଲୁଛି ତାଲା

ଭୋଗରାଇ, ୧୯।୨(ପ୍ରଦୀପ ଦାସ):

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେହୁର୍ଦ୍ଦାସ୍ଥିତ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଅବସ୍ଥା ଶୋଚନୀୟ ହୋଇପଡିଛି। ବ୍ଲକର ଦେହୁର୍ଦ୍ଦା ଗୋଷ୍ଠୀ ପ୍ରାଣୀ ମୁଖ୍ୟଚିକିତ୍ସାଳୟ ଥିବା ବେଳେ ଭୋଗରାଇ, ଜୟରାମପୁର, ଶ୍ରଦ୍ଧାପୁର, ହୁଗୁଳି, ମହାଗବ, ଦହମୁଣ୍ଡା, ଏନଏମପଡିଆ, ସୋହରିଆ, ସୁନ୍ଦରାଆଡି, କୁରୁଡିଆ, ଅନଳିଆଠାରେ ପ୍ରାଥମିକ ପ୍ରାଣୀ ଚିକିତ୍ସାଳୟ କେନ୍ଦ୍ର ରହିଛି। ହେଲେ ସୋହରିଆ, ସୁନ୍ଦରାଆଡି, କୁକୁଡ଼ିଆ ଓ ଅନଳିଆ ପ୍ରାଥମିକ ପ୍ରାଣୀ ଚିକିତ୍ସାଳୟରେ ଅଦ୍ୟାବଧି ପ୍ରାଣୀ ଚିକିତ୍ସକ ରହୁ ନ ଥିବାରୁ ସେଠାରେ ତାଲା ଝୁଲୁଛି। ୩ଟି ପ୍ରାଥମିକ ପ୍ରାଣୀ ଚିକିତ୍ସାଳୟରେ ଦୀର୍ଘବର୍ଷ ଧରି ବିଦ୍ୟୁତ ସଂଯୋଗ ହୋଇପାରି ନ ଥିବା ଗ୍ରାମବାସୀଙ୍କ ଦ୍ୱାରା ଅଭିଯୋଗ ହୋଇଛି। ପ୍ରାଣୀ ଚିକିତ୍ସା ସେବା ବନ୍ଦ ହେବାରୁ ଚିକିତ୍ସା କେନ୍ଦ୍ର ଏକପ୍ରକାର ଭୂତକୋଠିରେ ପରିଣତ ହୋଇଛି। ଏଥିସହିତ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ୪ଜଣ ପ୍ରାଣୀ ଚିକିତ୍ସକ ପଦବୀ ଥିଲା ବେଳେ ୨ଜଣ ମାତ୍ର ଡାକ୍ତର ଓ ଜଣେ ପିଅନ କାର୍ଯ୍ୟ ତୁଲାଉଛନ୍ତି। ଜରୁରୀ ଭିତ୍ତିରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ଆବଶ୍ୟକ ଔଷଧ ଓ ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବାରୁ ଅଧିକାଂଶ ଗୃହପାଳିତ ପ୍ରାଣୀଙ୍କ ଲାଗି ଔଷଧ ବାହାର ଦୋକାନରୁ ଚଢ଼ା ଦାମରେ କିଣିବାକୁ ପଡୁଛି। ଏପରିକି ବହୁ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହୋଇଛି। ଦୀର୍ଘବର୍ଷ ଧରି ମୁଖ୍ୟ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପୁରୁଣା ଗୃହରେ ଭଗ୍ନାବସ୍ଥାରେ ବିପଦସଙ୍କୁଳ ଚାଲିଥିବାରୁ ତତ୍କାଳୀନ ସରକାରଙ୍କ ସମୟରେ ୫୫ ଲକ୍ଷ ୫୬ହଜାର ୯୩୮ଟଙ୍କା ଅନୁଦାନରେ ନୂତନ ଗୃହ ନିର୍ମାଣ ହୋଇ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଅଦ୍ୟାବଧି ନୂତନ ଗୃହ ହସ୍ତାନ୍ତର ହୋଇପାରିନାହିଁ। ପ୍ରାଣୀ ଡାକ୍ତରଙ୍କ ପାଇଁ କୌଣସି କ୍ୱାର୍ଟର୍ସ ବ୍ୟବସ୍ଥା ହୋଇ ନ ଥିବାରୁ ପ୍ରାଣୀ ଚିକିତ୍ସକମାନେ ଦୂରଦୂରାନ୍ତରୁ ଆସୁଥିବା ସୂଚନା ମିଳିଛି। ଭୋଗରାଇ ବ୍ଲକ ୫୦ ପଞ୍ଚାୟତର ୭ଟି ପ୍ରାଥମିକ ପ୍ରାଣୀ ଚିକିତ୍ସାଳୟ ଉପରେ ଏବେ ଗୃହପାଳିତ ପ୍ରାଣୀଙ୍କ ଭାଗ୍ୟ ନିର୍ଭର କରୁଛି।

୨୦୧୯ ପ୍ରାଣୀଧନ ଗଣନା ହିସାବରେ ଭୋଗରାଇ ବ୍ଲକରେ ୭୨ହଜାର ଗାଈ, ୧୨ହଜାରରୁ ଊର୍ଦ୍ଧ୍ୱ ଛେଳି ଓ ମେଣ୍ଢା ଥିବା ସରକାରୀ ରିପୋର୍ଟରୁ ସୂଚନା ମିଳିଛି। ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଆବଶ୍ୟକ ଔଷଧ ଠିକ୍ ସମୟରେ ଆସୁ ନ ଥିବା ଗୋଷ୍ଠୀ ଚିକିତ୍ସାଧିକାରୀ ଚିନ୍ମୟ କୁମାର ସାହୁ ପ୍ରତିକ୍ରିୟାରେ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଅଚଳାବସ୍ଥା ଦେଖାଦେଇଥିବା ବେଳେ ପ୍ରାଣୀ ଚିକିତ୍ସାଳୟକୁ ଜରୁରୀ ଭିତ୍ତିରେ ଆବଶ୍ୟକ ଔଷଧ, ଡାକ୍ତର ଓ କର୍ମଚାରୀ ଯୋଗାଇ ଦେବା ସହ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକାରୀ କରିବାକୁ ସରକାରଙ୍କଠାରେ ଅଞ୍ଚଳବାସୀ ଦାବି କରିଛନ୍ତି।



ସୋହରିଆ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର।

